ବର୍ଷ-୨୬, ସଂଖ୍ୟା-୧୪୧
ଭୁବନେଶ୍ୱର
୨୫, ମଇ, ୨୦୨୬,ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 141
Bhubaneswar
25, May, 2026,Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଓ ଆନାଡ୍ରୋନ୍ ସିଷ୍ଟମ୍ସ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ଭିଟାମାଟି ଛାଡ଼ି ବାହାରକୁ ଯିବେ ନାହିଁ ଯୁବପୀଢ଼ି

**ଭୁବନେଶ୍ୱର,୨୪।୫ (ମହାଭାରତ):** ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍ ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ' ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।

ଏହି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଟ୍ରାଇମେଟ୍ରୋ ଗାର୍ମେଂଟସ କାରଖାନାର କର୍ମଚାରୀମାନଙ୍କ ସହ ଅତି ନିବିଡ଼ ଭାବେ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ନିଜ ଗହଣରେ ପାଇ କର୍ମଚାରୀମାନେ ଅତ୍ୟନ୍ତ ଆନନ୍ଦିତ ହେବା ସହ ନିଜର ଅନୁଭୂତି ବାଣ୍ଟି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶିଳ୍ପାନୁକୂଳ ଓ ନିଯୁକ୍ତିଭିତିକ ପଦକ୍ଷେପ ଯୋଗୁଁ ସେମାନଙ୍କୁ ଆଉ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ପଡୁନାହିଁ। ନିଜ ମାଟିରେ ରହି ସ୍ୱାବଲମ୍ବୀ ହେବାରେ ସେମାନେ ଗର୍ବ ଓ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି। ଏଭଳି ବସ୍ତ୍ର ଶିଳ୍ପଗୁଡ଼ିକ ରାଜ୍ୟରେ ବ୍ୟାପକ ରୋଜଗାର ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କର୍ମଚାରୀ ମାନେ କହିଛନ୍ତି ।



କର୍ମଚାରୀ ମାନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଶିଳ୍ପାଂଚଳରେ ଶ୍ରମିକ ତଥା କର୍ମଚାରୀ ମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ ।

ବିଶେଷ କରି କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ।

ଆଗାମୀ ଦିନରେ ଏହି ଅଂଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ। ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ିଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଓଡ଼ିଶାର ଶିଳ୍ପ ସମୃଦ୍ଧି ଓ ନିଯୁକ୍ତି ସମ୍ପର୍କରେ ଏକ ଦୃଢ଼ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ସାଧାରଣ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ। ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା ଆମ ସରକାରଙ୍କ ପ୍ରାଥମିକ ସଂକଳ୍ପ। ରାଜ୍ୟରେ ଶିଳ୍ପାୟନର ଏହି ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ। ସରକାର ପ୍ରତିଟି ପ୍ରକଳ୍ପର ଅଗ୍ରଗତିକୁ ଅତି ସତର୍କତା ଓ ସୂକ୍ଷ୍ମତାର ସହ ଅନୁଧ୍ୟାନ କରୁଛନ୍ତି। ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ହେଉଛି ବିଶ୍ୱ ସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା ଏପିକ୍ ଗ୍ରୁପ୍ ର ଏକ କମ୍ପାନୀ ।ଟ୍ରାଇମେଟ୍ରୋ ପ୍ରଥମ ଥର ପାଇଁ ଭାରତରେ ତାର ଉତ୍ପାଦନ ଆରମ୍ଭ କରିଛି। ଏହି କମ୍ପାନୀ ପାଇଁ ୨୦୨୫ ଏପ୍ରିଲ୍ ୩ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ମାତ୍ର ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ଉଦଘାଟନ କରାଯାଇ ଉତ୍ପାଦନ ଆରମ୍ଭ ହୋଇଛି।

# ଖୋର୍ଦ୍ଧାରେ ନବବଧୂଙ୍କୁ ହତ୍ୟା

**ଖୋର୍ଦ୍ଧା,୨୪।୫(ମହାଭାରତ):** ପାଦରୁ ଅଳତା ଲିଭିବା ଆଗରୁ ନବବଧୂର ଜୀବନ ଦୀପ ସବୁଦିନ ପାଇଁ ଲିଭିଗଲା। ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନ ତରାପି ଗ୍ରାମରେ। ମୃତକ ପୁର୍ଣିମା ତରାଇଙ୍କ ବାପଘର ଘର ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ହରିପୁର ପଞ୍ଚାୟତ ଅଧିନ ପରବଳ ଗ୍ରାମରେ। ଗତ ୨୭/୪/୨୬ରେ ମୃତକ ତରାପି ଗ୍ରାମର ଗୁରୁଚରଣ ତରାଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସବୁ ଠିକଠାକ ଥିବା ବେଳେ ଗତକାଲି ନବବଧୂ ଶାଶୂଘରେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକ କହୁଥିବା ବେଳେ ବାପଘର ଲୋକ ଅଭିଯୋଗ ଆଣିଛନ୍ତି ଝିଅକୁ ହତ୍ୟା କରିଛନ୍ତି ସ୍ୱାମୀର ପରିବାର ଲୋକେ । ଟାଙ୍ଗୀ ପୋଲିସ ସହିତ ଖୋର୍ଦ୍ଧା ରୁ ଆସିଥିବା ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ। ନବବଧୂଙ୍କ ଅଭିଯୋଗ ଝିଅକୁ ମାରି ଟଙ୍ଗେଇ ଦେଇଛନ୍ତି। ଏଣୁ ପୋଲିସ ସଠିକ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ଝିଅର ପରିବାର ଓ ଗ୍ରାମବାସୀ।

# ପୋଖରୀରେ ବୁଡି ୨ ଜଣଙ୍କ ମୃତ୍ୟୁ

**ଗଞ୍ଜାମ,୨୪।୫(ମହାଭାରତ):** ଆଜି ସକାଳେ ବ୍ରହ୍ମପୁର ଆଙ୍କୁଲି ନୂଆ ପୋଖରୀରେ ଦୁଇ ଜଣ୍ବାଳକ ପହଁରୁ ଥିବା ସମୟରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ଅଗ୍ନିଶମ ବାହିନୀ ପୋଖରୀରୁ ଦୁଇଜଣ ବାଳକକୁ ଉଦ୍ଧାର କରି ବହ୍ମପୁର୍ ଡଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ଏ ଦୁହିଁଙ୍କ ମୃତ୍ୟୁ ଘୋଷଣା କରିଛି। ମୃତକ ଦୁଇଜଣ ମଧ୍ୟ ରୁଜଣଙ୍କ ନାମ ବିଶ୍ୱ ଜିତ ପଣ୍ଡା ଓ ଅନ୍ୟ ଜଣେ ଅଭିଜିତ ମାରାଣ୍ଡି ବୋଲି ଜଣାପଡ଼ିଛି। ହ୍ମପୁର ପୁଲିସ ଡାକ୍ତରଖାନାକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଧରାପଡ଼ିଲେ ୩ ବ୍ରାଉନସୁଗର ବେପାରୀ

**ଭଦ୍ରକ,୨୪।୫(ମହାଭାରତ):** ବନ୍ଧା ହେଲେ ୩ ବ୍ରାଉନସୁଗର ବେପାରୀ । ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ନୂଆନନ୍ଦ -ହାଟୁଆରୀ ଗ୍ରାମ ରାସ୍ତାରେ ଶନିବାର ପୁଲିସ ୩ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୦.୫୮ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏହାସହ ସେମାନେ ବ୍ୟବହାର କରୁଥିବା ଏକ ବାଇକ୍ ଓ ୩ଟି ମୋବାଇଲ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି ବାସୁଦେବପୁର ଥାନା ଅଧୀନ ଉରୁଣିଆ ଗ୍ରାମର ମନୋଜ କୁମାର ଦାସ, ଲୁଙ୍ଗାଉରୁଣିଆ ଗ୍ରାମର ଶିବ ସୁତାର ଏବଂ ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ଚାରିଘରିଆ ଗ୍ରାମର ଗୀତାରାଣୀ ବେହେରା। ଏନେଇ ଏଏସ୍ପି ଅରୂପ ଅଭିଷେକ ବେହେରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ ଯେ, ୩ ଜଣ ସନ୍ଦେହଜନକ ଅବସ୍ଥାରେ ଥିବା ଦେଖି ପେଟ୍ରୋଲିଂରେ ଥିବା ଏସ୍ଆଇ ପ୍ରକାଶ ନାୟକ ଓ କେତେକ କନଷ୍ଟେବଳ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇଥିଲେ।

# ୟୁପି ହାପୁରରେ ଅଦିନିଆ ରଥଯାତ୍ରା ସ୍ଥଗିତ

**ଭୁବନେଶ୍ୱର,୨୪।୫ (ମହାଭାରତ):** ୟୁପି ହାପୁରରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ରହିଛି। ଜୁନ୍ ୧୬ରେ ରଥଯାତ୍ରା କରିବାକୁ ହାପୁର ଜଗନ୍ନାଥ ମନ୍ଦିର ନିଷ୍ପତି ନେଇଥିଲା। ଏହା ଉପରେ ଅସନ୍ତୋଷ ପ୍ରକାଶ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହାପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଏହାପରେ ହାପୁର ଜଗନ୍ନାଥ ମନ୍ଦିର ରଥଯାତ୍ରାକୁ ସ୍ଥଗିତ ରଖିବା ସହ ପୁରୀ ଶ୍ରୀଜଗନ୍ନାଥ ଧାମ ଦ୍ୱାରା ଧାର୍ଯ୍ୟ ଜୁଲାଇ ୧୬ରେ ରଥଯାତ୍ରା ପାଇଁ ନିଷ୍ପତି ନେଇଛି। ଏସମ୍ପର୍କରେ ହାପୁର ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ଅବଗତ କରିଛନ୍ତି। ଏହାପରେ ହାପୁର ଜିଲ୍ଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ କୃତଜ୍ଞତା ଜଣାଇଛି।

# ଟ୍ରେନରୁ ଖସି ଯୁବକ ମୃତ

**ଭଦ୍ରକ,୨୪।୫ (ମହାଭାରତ):** ଆଗରପଡ଼ା ଟିକିରା ଗ୍ରାମର ସ୍ୱର୍ଗତ ଅଜୟ ମଲ୍ଲିକଙ୍କ ପୁତ୍ର ବିନୋଦ (୩୦) ଟ୍ରେନରୁ ଖସିପଡି ମୃତ୍ୟୁ ବରଣ କରିଛନ୍ତି। ଯେଉଁଥି ପାଇଁ ଆଗରପଡା ସମେତ ନିଜ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।ଗତକାଲି ରାତିରେ ଭଦ୍ରକ ଷ୍ଟେସନରୁ ଜଗନ୍ନାଥ ଏକ୍ସପ୍ରେସ ଯୋଗେ ଅନ୍ୟ ୨ ସାଂଗଙ୍କ ସହ କଲିକତା ଯାଉଥିଲେ । ବିଳମ୍ବିତ ରାତିରେ ଅନ୍ୟ ୨ ସାଂଗ ନିଜ ସିଟ ରେ ବସିଥିବା ବେଳେ ବିନୋଦ କବାଟ ପାଖରେ ବସିଥିଲେ। ଅନ୍ୟ ମନସ୍କ ଯୋଗୁଁ କୌଣସି କାରଣରୁ ଟ୍ରେନରୁ ସେ ଖସିପଡିଥିଲେ।

# ଭବିଷ୍ୟତର ଓଡ଼ିଶା ପାଇଁ ସେତୁବନ୍ଧ ତିଆରି କର

**ଭୁବନେଶ୍ୱର,୨୪।୫(ମହାଭାରତ):** ଇତିହାସ ହେଉଛି ଭବିଷ୍ୟତ ପଥରେ ଆଗକୁ ବଢ଼ିବାର ଏକ ଦର୍ପଣ ; ତେଣୁ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଓ ଗୌରବୋଜ୍ଜଳ ଅତୀତରୁ ପ୍ରେରଣା ନେଇ ଆମକୁ ଭବିଷ୍ୟତର ଓଡ଼ିଶା ଗଠନ ପାଇଁ ଏକ ସ୍ୱତନ୍ତ୍ର ସେତୁବନ୍ଧ ନିର୍ମାଣ କରିବାକୁ ହେବ ବୋଲି ରବିବାର ତାମିଲନାଡୁର ସାଂସ୍କୃତିକ ପ୍ରାଣକେନ୍ଦ୍ର ଚେନ୍ନାଇ ଠାରେ 'ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସ'ର ୯୦ତମ ଉତ୍କଳ ଦିବସ ସମାରୋହ ଓ ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ତାମିଲନାଡୁର ତାମିଲ ଏବଂ ଓଡ଼ିଶାର ଓଡ଼ିଆ – ଉଭୟ ଭାଷା ଭାରତର ଅତି ସମୃଦ୍ଧ ଶାସ୍ତ୍ରୀୟ ଭାଷା । ତାମିଲନାଡୁ ଯେପରି ଜ୍ଞାନ, ବିଜ୍ଞାନ, ଭାଷା ଓ ପ୍ରାଚୀନ ସଭ୍ୟତାର ଏକ ଅନନ୍ୟ ଭଣ୍ଡାର, ଆମ ଓଡ଼ିଶା ମଧ୍ୟ ସେହିପରି ସଂସ୍କୃତି, ଅଧ୍ୟାତ୍ମ ଓ କଳା-ଭାସ୍କର୍ଯ୍ୟର ଏକ ସମୃଦ୍ଧ କେନ୍ଦ୍ରସ୍ଥଳୀ । ତେବେ ଆଜି ମଧ୍ୟ ଜ୍ଞାନ ଏବଂ କର୍ମର ସେହି ପ୍ରାଚୀନ ସେତୁ ଆଦୌ ଦୁର୍ବଳ ହୋଇନାହିଁ । ଚେନ୍ନାଇ ସହରରେ ବସବାସ କରୁଥିବା ପ୍ରିୟ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କ ଜରିଆରେ ଏହି ସମ୍ପର୍କ ଅଧିକ ଉଜାଗର ହୋଇଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା। ଆଉ ୧୦ ବର୍ଷ ପରେ ଅର୍ଥାତ୍ ୨୦୩୬ରେ ଆମେ ଏହାର ୧୦୦ ବର୍ଷ ପାଳନ କରିବାକୁ ଯାଉଛୁ। ଆଗାମୀ ୧୦ ବର୍ଷ ଆମ ଜାତି ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଏହି ସମୟରେ ଓଡ଼ିଆ ଭାଷା, ଜାତି, ଅସ୍ମିତା ଓ ସ୍ୱାଭିମାନକୁ ନୂତନ ଉଚ୍ଚତାକୁ ନେବା ପାଇଁ ଆମର ଦାୟିତ୍ୱ ଆହୁରି ବଢ଼ିଯାଇଛି। ୨୦୪୭ ସୁଦ୍ଧା ଭାରତକୁ ଏକ



ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦେଶର ସବୁଠାରୁ ପ୍ରଭାବଶାଳୀ ଅର୍ଥନୀତି ଭାବେ ଗଢ଼ିବାକୁ ହେବ। ସେହିପରି ଅତୀତର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସେ କହିଛନ୍ତି ଯେ, ଆମର ପୂର୍ବଜ ତଥା ଓଡ଼ିଶାର ସାଧବ ପୁଅମାନେ ବୋଇତ ଧରି ଦକ୍ଷିଣ ସମୁଦ୍ର ଦେଇ ଯେତେବେଳେ ନୌବାଣିଜ୍ୟ ପାଇଁ ଯାତ୍ରା କରୁଥିଲେ, ସେତେବେଳେ ତାମିଲନାଡୁର ଉପକୂଳ ହିଁ ସେମାନଙ୍କର ସବୁଠାରୁ ପ୍ରମୁଖ କେନ୍ଦ୍ର ଥିଲା। ଏହି ସମ୍ପର୍କ କୌଣସି ନୂଆ ସମ୍ପର୍କ ନୁହେଁ, ଏହା ଆମ ରକ୍ତରେ ଅଛି, ଆମ ଇତିହାସର ପୃଷ୍ଠାରେ ଅଛି । ଆମକୁ କେବଳ ଅତୀତର ସ୍ମୃତିରେ ନବଞ୍ଚି, ଇତିହାସରୁ ପ୍ରେରଣା ନେଇ ଆଗକୁ ବଢ଼ିବାକୁ ହେବ । ରାଷ୍ଟ୍ର ନିର୍ମାଣର ଏହି ମହାନ ସେତୁବନ୍ଧରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ମୁଣ୍ଡି ମାରିଥିବା ଧର୍ମପଦ ଭଳି ଆମ ସମସ୍ତଙ୍କୁ ନିଜର ଅବଦାନ ଦେବାକୁ ପଡ଼ିବ । ୨୦୩୬ର ସେହି ଶତାବ୍ଦୀ ବର୍ଷର ଲକ୍ଷ୍ୟକୁ ଆଖିରେ ରଖି ଏକ ବୈଜ୍ଞାନିକ ସେତୁବନ୍ଧ ନିର୍ମାଣର ନେତୃତ୍ୱ ଏହି ତାମିଲନାଡୁ ମାଟିରୁ ହିଁ ଆରମ୍ଭ ହେଉ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ 'ଉତ୍କଳ ସେବା ସଦନ'ର ଭୂମିପୂଜନ କରିବା ସହ ଏହି ଅନୁଷ୍ଠାନ ଓଡ଼ିଆ ଜାତି ପାଇଁ ସମାଜ ବିକାଶର ଏକ ପ୍ରୟୋଗଶାଳା ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଆ ସମାଜ ଏକ ଦାୟିତ୍ୱସମ୍ପନ୍ନ ଓ ଆଧ୍ୟାତ୍ମିକ ସମାଜ । ସମ୍ପନ୍ନ ହେବା ପରେ କେବଳ ନିଜ କଥା ନଭାବି ସମାଜର ଗରିବ ଓ ଅସହାୟ ଲୋକଙ୍କ ଚିନ୍ତା କରିବା ଆମର ସଂସ୍କୃତି । 'ନର ସେବା ହିଁ ନାରାୟଣ ସେବା'ର ବିଚାର ନେଇ ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ ଓ ବକ୍ସି ଜଗବନ୍ଧୁଙ୍କ ଭଳି ମହାପୁରୁଷମାନେ ସର୍ବସ୍ୱ ତ୍ୟାଗ କରିଥିଲେ । ଶେଷରେ ଶ୍ରୀ ପ୍ରଧାନ ଓଡ଼ିଆ ସମାଜକୁ ଅଧିକ ସାହସୀ, ସ୍ୱାଭିମାନୀ, ପରିଶ୍ରମୀ ଏବଂ ଆତ୍ମବିଶ୍ୱାସୀ ହେବାକୁ ଆହ୍ୱାନ ଦେଇଛନ୍ତି।

# ଅନ୍ୟ ଜାତିରେ ବିବାହ କରିଥିବାରୁ ଶବ ଛୁଇଁଲେନି ସମ୍ପର୍କୀୟ

**ବଲାଙ୍ଗିର,୨୪।୫(ମହାଭାରତ):** ମଣିଷ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରେ ବସତି ସ୍ଥାପନ ପାଇଁ ଯୋଜନା କରୁଥିବା ବେଳେ ଆଧୁନିକ ଯୁଗରେ ମଧ୍ୟ କୁ- ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଜୀବିତ ଅଛି । କୁ-ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଆଗରେ ଉଚ୍ଚ ଶିକ୍ଷା, ଶିକ୍ଷିତ ସମାଜ ଆଜି ବି ମୁଣ୍ଡ ନୁଆଁଇଛି । ଅନ୍ୟ ଜାତିରେ ବିବାହ କରିବା କ'ଣ ଭୁଲ ଅନ୍ୟ ଜାତିରେ ବିବାହ କରିବା କ'ଣ ପାପ ? ମଣିଷକୁ କ'ଣ ଏଇଥି ପାଇଁ ଶ୍ରେଷ୍ଠ ଜୀବ କୁହାଯାଏ ? ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଂଚାୟତର ବେହେରାବନ୍ଧ ଗ୍ରାମରେ।

ଗ୍ରାମର ପଂଚସ୍ତରୀ ବର୍ଷୀୟ ବୃଦ୍ଧ ପୁଟୁ ମଲ୍ଲିକଙ୍କ ଗତକାଲି ସନ୍ଧ୍ୟାରେ ମୃତ୍ୟୁ ହୋଇଛି । ତାଙ୍କର ସ୍ତ୍ରୀ ଅନ୍ୟ ଜାତିର ଏବଂ ବିଗତ ଦୁଇ ବର୍ଷ ପୂର୍ବେ ତାଙ୍କର ଦେହାନ୍ତ ହୋଇଛି । ବର୍ତ୍ତମାନ ତାଙ୍କର ପୁଅ କେହି ନାହାନ୍ତି, କେବଳ ଝିଏ ଟିଏ ସେ ମଧ୍ୟ ବାହା ହୋଇ ସାରିଛନ୍ତି । ମୃତ୍ୟୁ ସମୟରେ ତାଙ୍କର ଶବକୁ ଚାରି କାନ୍ଧ ଦେବାକୁ, ଶବ ସତ୍କାର କରିବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁ ଲୋକ ମଧ୍ୟ କେହି ବାହାରିଲେ ନାହିଁ । ସମସ୍ତଙ୍କୁ କେବଳ ଜାତି ବାସନ୍ଦ ଭୟ, ଆମେ ଶବ ସତ୍କାର କିମ୍ବା ଶବ ସତ୍କାର କାର୍ଯ୍ୟରେ ସହଯୋଗ କଲେ କାଳେ ଆମ୍ଭକୁ ମଧ୍ୟ ଜାତିରୁ ବାସନ୍ଦ କରିଦେବେ ଭୟରେ କେହି ପାଖକୁ ମଧ୍ୟ ଆସିଲେ ନାହିଁ । ପ୍ରାୟ ଦୁଇ ଘଂଟା ଧରି ନିଜ ଘରେ ଶବ ପଡ଼ି ରହିଲା । ଶବ ସତ୍କାର କରିବା ପାଇଁ ସମାଜସେବୀ ତଥା ଆଦିବାସୀ ନେତା ଗିରିରାଜ ଭୋଇଙ୍କୁ ରାତ୍ରି ପ୍ରାୟ ୮ଟା ସମୟରେ ଫୋନ୍ କରି ଘଟଣା ବିଷୟରେ ଅବଗତ କରେଇଲେ । ଖବର ପାଇ ଗିରିରାଜ ଭୋଇଙ୍କ ସହିତ ସମାଜସେବୀ ଜନସନ ନାଗ, ସାମ୍ବାଦିକ ପ୍ରବୀଣ ଭାଇ ପୁରୋହିତ, ସାମ୍ବାଦିକ ଅଭିମନ୍ୟୁ ବାଗ ଘଟଣାସ୍ଥଳରେ ପହଁଚି ଥିଲେ । ପ୍ରଥମେ ଗ୍ରାମର କିଛି ବ୍ୟକ୍ତିଙ୍କୁ ଶବ ସତ୍କାର କରିବାକୁ ଅନୁରୋଧ କରିଥିଲେ ସମାଜସେବୀମାନେ । ସାମାଜିକ ବାସନ୍ଦ ଭୟରେ ହଁ କହିବା ତ ଦୂରର କଥା ଘରୁ ବାହାରକୁ ମଧ୍ୟ କେହି ବାହାରିଲେ ନାହିଁ।

# କଙ୍ଗୋ, ଉଗାଣ୍ଡା ଓ ସୁଡାନ ଯାତ୍ରା ନକରିବାକୁ ପରାମର୍ଶ

**ନୂଆଦିଲ୍ଲୀ,୨୪।୫(ମହାଭାରତ):** କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ଏବଂ ଉଗାଣ୍ଡାରେ ଇବୋଲା ରୋଗର ରିପୋର୍ଟ ହୋଇଥିବା ପ୍ରକୋପକୁ ଦୃଷ୍ଟିରେ ରଖି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟମ (ଆଇଏଚଆର), ୨୦୦୫ ଅନୁଯାୟୀ, ୧୭ ମଇ ୨୦୨୬ ରେ ପରିସ୍ଥିତିକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ଭାବରେ ନିରୁପିତ କରିଛି। ଆଫ୍ରିକା ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ଆଫ୍ରିକା ସିଡିସି) ମଧ୍ୟ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଉଗାଣ୍ଡାକୁ ପ୍ରଭାବିତ କରୁଥିବା ବୁଣ୍ଡିବୁଗୟୋ ଷ୍ଟ୍ରେନ ଇବୋଲା ଭାଇରସ ରୋଗର ଚାଲିଥିବା ପ୍ରକୋପକୁ ମହାଦେଶୀୟ ସୁରକ୍ଷାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇସିଏସ୍) ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି। ଏହା ବ୍ୟତୀତ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଇଏଚଆର ଜରୁରୀକାଳୀନ କମିଟି ୨୨ ମଇ ୨୦୨୬ ରେ ପ୍ରବେଶ ସ୍ଥାନଗୁଡ଼ିକରେ ରୋଗ ନିରୀକ୍ଷଣକୁ ମଜବୁତ କରିବା ପାଇଁ ଅସ୍ଥାୟୀ ସୁପାରିଶ ଜାରି କରିଥିଲା ଯାହା ଦ୍ୱାରା 'ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଞ୍ଚଳରୁ ଆସୁଥିବା ଅସ୍ପଷ୍ଟ ଜ୍ୱର ରୋଗ ସହିତ ଯାତ୍ରୀମାନଙ୍କୁ ଚିହ୍ନଟ, ମୂଲ୍ୟାଙ୍କନ, ରିପୋର୍ଟ ଏବଂ ପରିଚାଳନା' କରାଯାଇପାରିବ ଏବଂ 'ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକୁ ଯାତ୍ରା କରିବାକୁ ନିରୁତ୍ସାହିତ କରାଯିବ' । ଦକ୍ଷିଣ ସୁଡାନ ସମେତ କଙ୍ଗୋ ଏବଂ ଉଗାଣ୍ଡା ଦେଶଗୁଡ଼ିକୁ ରୋଗ ସଂକ୍ରମଣର ଉଚ୍ଚ ବିପଦରେ ରହିଥିବା ଆକଳନ କରାଯାଇଛି । ଇବୋଲା ରୋଗ ହେଉଛି ଇବୋଲା ଭାଇରସ୍ ର ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ସହିତ ସଂକ୍ରମଣ ଯୋଗୁଁ ହେଉଥିବା ଏକ ଭାଇରାଲ୍ ହେମୋରେଜିକ୍ ଜ୍ୱର। ଏହା ଏକ ଗମ୍ଭୀର ରୋଗ ଯାହାର ମୃତ୍ୟୁ ହାର ଅଧିକ। ବର୍ତ୍ତମାନ, ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗକୁ ରୋକିବା କିମ୍ବା ଚିକିତ୍ସା କରିବା ପାଇଁ କୌଣସି ଟିକା କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ଅନୁମୋଦିତ ହୋଇନାହିଁ।




# ୫ ଦିନ ରାଜ୍ୟରେ ଅସମ୍ଭାଳ ତାତି

**ଭୁବନେଶ୍ୱର,୨୪।୫ (ମହାଭାରତ):** ହିଟ୍ ୱେଭ୍ (ଗ୍ରୀଷ୍ମ ପ୍ରବାହ) ନେଇ ଆଗାମୀ ୫ ଦିନ ଅର୍ଥାତ୍ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ୨୪ ତାରିଖ ହିଟ୍ ୱେଭ୍ ନେଇ ୪ ଜିଲ୍ଲା (ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ସୋନପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ହିଟ୍ ୱେଭ୍ ନେଇ ୨୫ ତାରିଖ ୪ ଜିଲ୍ଲା (ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨ ଜିଲ୍ଲା (ସୋନପୁର, କଳାହାଣ୍ଡି)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୬ ତାରିଖ ହିଟ୍ ୱେଭ୍ ନେଇ ୪ ଜିଲ୍ଲା (ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୪ ଜିଲ୍ଲା (କଳାହାଣ୍ଡି, ନୂଆପଡା, ସୋନପୁର, ବରଗଡ଼)ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଅନୁରୂପ ଭାବେ ୨୭ ତାରିଖ ହିଟ୍ ୱେଭ୍ ନେଇ ୪ ଜିଲ୍ଲା (ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୫ ଜିଲ୍ଲା (କଳାହାଣ୍ଡି,



ନୂଆପଡା, ସୋନପୁର, ବରଗଡ଼, କନ୍ଧମାଳ)ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୮ ତାରିଖ ହିଟ୍ ୱେଭ୍ ନେଇ ୪ ଜିଲ୍ଲା (ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୫ ଜିଲ୍ଲା (କଳାହାଣ୍ଡି, ନୂଆପଡା, ସୋନପୁର, ବରଗଡ଼, କନ୍ଧମାଳ) ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଇ ୨୩ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ସୁଦ୍ଧା କାଳବୈଶାଖୀ ସମ୍ଭାବନା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ ।

ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ଆଗାମୀ ୨୪ ଘଂଟା ପାଇଁ ୧୦ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଅନ୍ୟ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ।

ଅନୁରୂପ ଭାବେ ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ୨୫ ତାରିଖ ସକାଳ ଠାରୁ ୨୬ ତାରିଖ ସକାଳ ସୁଦ୍ଧା ୫ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୬ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ସୁଦ୍ଧା ୧୧ ଜିଲ୍ଲା, ୨୭ ତାରିଖ ସକାଳ ଠାରୁ ୨୮ ତାରିଖ ସକାଳ ସୁଦ୍ଧା ୧୭ ଜିଲ୍ଲା, ୨୮ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ସୁଦ୍ଧା ୧୭ ଜିଲ୍ଲା, ୨୯ ତାରିଖ ସକାଳ ଠାରୁ ୩୦ ତାରିଖ ସକାଳ ସୁଦ୍ଧା ୧୫ ଜିଲ୍ଲା, ୩୦ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ସୁଦ୍ଧା ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଢା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଢା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

### ଖବର

# ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର



ଆମେ ସମସ୍ତେ ଜାଣୁ ବେଲ ପତ୍ର ଭଗବାନ ଶିବଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଏବଂ ଶିବଲିଙ୍ଗ ଉପରେ ବେଲ ପତ୍ର ନ ଚଢ଼ାଇବା ପର୍ଯ୍ୟନ୍ତ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ଭୋଗ ନୈବେଦ୍ୟ ନୁହେଁ ବରଂ ଏକ ପାଣି ଢାଳ ଏବଂ କିଛି ବେଲ ପତ୍ର ହିଁ ଯଥେଷ୍ଟ । କିନ୍ତୁ ଜାଣନ୍ତି କି ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା ଯାହାଫଳରେ ଆଖପାଖର ପରିବେଶ ମଧ୍ୟ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ । ବେଲପତ୍ର ସହିତ, ଶିବଙ୍କୁ ଥଣ୍ଡା ରଖିବା ପାଇଁ ଜଳ ମଧ୍ୟ ଅର୍ପଣ କରାଯାଇଥିଲା । ବେଲପତ୍ର ଏବଂ ଜଳର ପ୍ରଭାବ ଯୋଗୁଁ ମହାଦେବଙ୍କ ଶରୀରରେ ସୃଷ୍ଟି ହୋଇଥିବା ଉତ୍ତାପ ଥଣ୍ଡା ହେବାକୁ ଲାଗିଲା । ସେବେଠାରୁ ଭଗବାନ ଶିବଙ୍କୁ ଜଳ ଏବଂ ବେଲପତ୍ର ଅର୍ପଣ କରିବାର ପ୍ରଥା ଆରମ୍ଭ ହେଲା ।

## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଳୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଧେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର




ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି । .ଠ

# ଲୋକପ୍ରିୟ ହିନ୍ଦୁ ତୀର୍ଥସ୍ଥଳ: ଅମରକଣ୍ଟକ

ଅମରକଣ୍ଟକ ନର୍ମଦା ନଦୀ, ସୋନ ନଦୀଏବଂ ଜୋହିଲା ନଦୀର ଉଦମ ସ୍ଥାନ ଅଟେ । ଏହି ସ୍ଥାନ ମଧ୍ୟପ୍ରଦେଶ ଅନୁପପୁର ଜିଲ୍ଲାରେ ଅବସ୍ଥିତ । ହିନ୍ଦୁମାନଙ୍କ ପବିତ୍ର ସ୍ଥଳ ହେଉଛି ଏହି ସ୍ଥାନ । ସମୁଦ୍ର ପତ୍ତନଠାରୁ ୧୦୬୫ ମିଟର ଉଚ୍ଚରେ ଅବସ୍ଥିତ ମଧ୍ୟ ଭାରତର ବିନ୍ଧ୍ୟ ଏବଂ ସତପୁଡ଼ା ପାହାଡ଼ିଆ କ୍ଷେତ୍ରରେ ଅବସ୍ଥିତ । ଏହି ଅମରକଣ୍ଟକରୁ ନର୍ମଦା ଏବଂ ସୋନ ନଦୀର ଉତ୍ପତ୍ତି ହୋଇଛି । ଏହିଠାରୁ ପଶ୍ଚିମକୁ ନର୍ମଦା ଏବଂ ପୂର୍ବରୁ ସୋନ ନଦୀ ବହି ଯାଇଛି । ଏହି ସ୍ଥାନର ସୁନ୍ଦର ଝରଣା, ଉଚ୍ଚ ପାହାଡ଼ ଏବଂ ଶାନ୍ତି



ବାତାବରଣ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ଧାର୍ମିକ ଆଚରଣ କରୁଥିବା ବ୍ୟକ୍ତିବିଶେଷ ମାନେ ଏହି ସ୍ଥାନକୁ ଅଧିକ ପସନ୍ଦ କରିଥାନ୍ତି । ଅମରକଣ୍ଟକ ସଂପର୍କିତ ଅନେକ ପରମ୍ପରା ଓ କିମ୍ବଦନ୍ତୀ ରହିଛି । କୁହାଯାଏ ଯେ, ଭଗବାନ ଶିବଙ୍କ ପୁତ୍ରୀ ନର୍ମଦା ଜୀବନଦାୟିନୀ ନଦୀ ରୂପରେ ଏଠାରୁ ବହି ଯାଇଛନ୍ତି । ମାତା ନର୍ମଦାଙ୍କ ସମର୍ପଣରେ ଏଠାରେ ଅନେକ ମନ୍ଦିର ନିର୍ମିତ ହୋଇଛି । ମାତା ନର୍ମଦାଙ୍କୁ ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଭାବେ ସ୍ୱୀକାର କରାଯାଏ । ଜୀବନଦାୟୀ ଗୁଣରେ ଭରପୁର ଏହି ସ୍ଥାନ । ଏଠାରେ ଥିବା ଝରଣାରେ ଗରମ ପାଣି ପ୍ରବାହିତ ହୋଇଥାଏ । କୁହାଯାଏ ଯେ, ଏହି ଝରଣାପାଣି ଅନେକ ଔଷଧୀୟ ଗୁଣରେ ଭରପୁର ରହିଛି । ଏଥିରେ ସ୍ନାନ କଲେ ଶରୀରର ବହୁ ଅସାଧ୍ୟ ରୋଗ ଦୂର ହୋଇଥାଏ । ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଆସି ଏହି ପବିତ୍ର ଜଳରେ ସ୍ନାନ କରିଥାନ୍ତି ଏବଂ ଏଥିରେ ସ୍ନାନ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ସର୍ବଦୁଃଖ ନିବାରଣ ହୋଇଥାଏ । ଏହି ପାହାଡ଼ିଆ ଅଞ୍ଚଳରେ ଅନେକ ମନ୍ଦିର ଓ ମୂର୍ତ୍ତି ସ୍ଥାପନ ହୋଇଛି । ଏଠାରେ ନର୍ମଦା ଏବଂ ଶିବ ମନ୍ଦିର ସମେତ ପ୍ରଭୁ କାର୍ତ୍ତିକେୟ , ଶ୍ରୀରାମ-ଜାନକୀ, ମାତା ଅନ୍ନପୂର୍ଣ୍ଣା, ଗୁରୁ ଗୋରଖନାଥ, ଶ୍ରୀ ସୂର୍ଯ୍ୟନାରାୟଣ, ବଙ୍ଗେଶ୍ୱର ମହାଦେବ, ଦୁର୍ଗା ମାତା, ଶିବ ପରିବାର, ସିଦ୍ଧେଶ୍ୱର ମହାଦେବ, ଶ୍ରୀରାଧା-କୃଷ୍ଣ ଆଦି ମନ୍ଦିର ଏଠାରେ ନିର୍ମିତ ହୋଇଛି । କୁହାଯାଏ ଯେ, ନର୍ମଦାଙ୍କୁ ଉତ୍ପତ୍ତି ଶିବଙ୍କ ଜଟାରୁ ହୋଇଛି, ତେଣୁ ଶିବଙ୍କୁ ଜଟାଶଙ୍କର କୁହାଯାଏ ।

# ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି ସମସ୍ୟା ବହୁତ ବିପଜ୍ଜନକ



ଆଜିକାଲି ଛୋଟ ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି (ଲୋ ଭିଜନ) ସମସ୍ୟା ବହୁତ ଦେଖା ଯାଉଛି । ସାଧାରଣତଃ ଏହି ସମସ୍ୟା ଖରାପ ଜୀବନଶୈଳୀ, ଅଧିକ ମାତ୍ରାରେ ପାଠ ପଢ଼ିବା, ଟିଭି କିମ୍ବା ମୋବାଇଲ ଦେଖିବା ନିଶା ଯୋଗୁ ଦେଖା ଯାଉଛି । ତେବେ ଏହି ସମସ୍ୟାର କିଛି ବିଶେଷ ଲକ୍ଷଣ ଥାଏ । ଉଦାହରଣ ସ୍ୱରୂପ, ପରିଚିତ ଚେହେରାକୁ ଚିହ୍ନିବାରେ ଅସୁବିଧା, ପାଠପଢ଼ାରେ ଅସୁବିଧା, ଝାପ୍ସା ଦେଖାଯିବା, ରଙ୍ଗ ଏବଂ କଣ୍ଟ୍ରାଷ୍ଟ ମଧ୍ୟରେ ପାର୍ଥକ୍ୟ ନ କରିପାରିବା, ମୁଣ୍ଡବିନ୍ଧା, ଆଖି ଲାଲ୍ ପଡ଼ିବା କିମ୍ବା ଚାପ ଅନୁଭବ ହେବା ଇତ୍ୟାଦି । ଏମିତିରେ ଠିକ୍ ସମୟରେ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଆସନ୍ତୁ ଜାଣିବା କି, ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି ସମସ୍ୟାର କାରଣ କ'ଣ ।

ସ୍ନାୟୁଗତ ସମସ୍ୟା: ସ୍ନାୟୁଗତ ସମସ୍ୟା କାରଣରୁ ପିଲାମାନଙ୍କଠାରେ ଦୁର୍ବଳ ଦୃଷ୍ଟିଶକ୍ତି ସମସ୍ୟା ଦେଖା ଦେଇପାରେ । ଆଖି ସହ ଜଡିତ ସ୍ନାୟୁଗୁଡ଼ିକର ଡ୍ୟାମେଜ୍ ହେଲେ ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ ।

ଆନୁବଂଶିକ ପ୍ରଭାବ: ଯଦି ପରିବାରର କୌଣସି ସଦସ୍ୟଙ୍କୁ ଭଳି ସମସ୍ୟା ରହିଥାଏ, ତ ଏହି ଆନୁବଂଶିକ କାରଣରୁ ବି ପିଲାମାନଙ୍କ ଆଖି ଦୁର୍ବଳ କ୍ଷହାଇଥାଏ । ଏହା ବ୍ୟତୀତ ଜନ୍ମଗତ ସମସ୍ୟା ଏବଂ ଆଖି ସହ ଜଡିତ ସମସ୍ୟା ଯେପରି ଗ୍ଲୁକୋମା, ମୋତିଆବିନ୍ଦୁ, ରେଟିନୋବ୍ଲାଷ୍ଟୋମା ଭଳି ରୋଗ ମଧ୍ୟ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ ।

ପ୍ରତିକାର

-ପିଲାମାନଙ୍କଠାରେ ଏପରି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ଦ୍ୱାରା ଆଖି ଯାଞ୍ଚ କରେଇ ନିଅନ୍ତୁ ।

-ପିଲାମାନଙ୍କର ଖାଦ୍ୟ ଏବଂ ଜୀବନଶୈଳୀରେ କିଛି ପରିବର୍ତ୍ତନ କରି ସେମାନଙ୍କ ଆଖିକୁ ସୁସ୍ଥ ରଖନ୍ତୁ ।

-ଭିଟାମିନ୍ ଏ'ରେ ଭରପୂର ଜିନିଷ ଖାଇବାକୁ ଦିଅନ୍ତୁ । ଯେପରି, ସବୁଜ ପତ୍ରଯୁକ୍ତ ପନିପରିବା, ଅଣ୍ଡା, କ୍ଷୀର, ଗାଜର, ହଳଦିଆ କିମ୍ବା କମଳା ପନିପରିବା, ପାଳଙ୍ଗ, ଶାକରକନ୍ଦା, ଅମୃତଭଣ୍ଡା, ଦହି ଏବଂ ସୋୟାବିନ୍ ।

-ଖାଦ୍ୟରେ ଡାଲି, ଡ୍ରାଏ ଫ୍ରୁଟସ୍ ଏବଂ ମଞ୍ଜି ଖାଆନ୍ତୁ ।

-ଓମେଗା ୩ରେ ଭରପୂର ଖାଦ୍ୟ ଖାଆନ୍ତୁ ।

-ପଢ଼ିବା, ଲେଖି ଶୈଳୀକୁ ଠିକ୍ କରନ୍ତୁ । ଯେପରି ପିଲାକୁ ଶୋଇକି ପଢ଼ିବାକୁ ଦିଅନ୍ତୁ ନାହିଁ ।

-ପଢ଼ିବା ସମୟରେ କୋଠରୀରେ ଆଲୋକ ସଠିକ୍ ରଖନ୍ତୁ ।

-ପିଲାମାନଙ୍କୁ ପାଖରୁ ମୋବାଇଲ୍ ଏବଂ ଟିଭି ଦେଖିବାଠୁ ଦୂରେଇ ରଖନ୍ତୁ ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ସମାଜର ସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ

**ଭୁବନେଶ୍ୱର, ୨୪।୫ (ମହାଭାରତ):** ସମାଜର ସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ ବୋଲି ଓଡ଼ିଶାର ରାଜ୍ୟପାଳଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଗୁରୁବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଯୁବପିଢ଼ି ମଧ୍ୟରେ ନିଃସ୍ୱାର୍ଥପର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଚୀନ ଭାରତୀୟ ଉକ୍ତି 'ସେବା ପରମୋ ଧର୍ମ' ସମ୍ପର୍କରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସେବା ହେଉଛି ସର୍ବୋଚ୍ଚ କର୍ତ୍ତବ୍ୟ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଜୀବନ ସାର୍ଥକ ହୋଇଥାଏ। ଏହି ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଖୁସି ପ୍ରକାଶ କରିବା ସହିତ ଏହି ଅବସରକୁ ଯୁବ ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ସମର୍ପଣ ଏବଂ ସଫଳତାକୁ ପାଳନ କରିବା ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ମୁଖ୍ୟ ପୃଷ୍ଠପୋଷକ (ଚିଫ ପାଟ୍ରନ) ଏବଂ ପ୍ରଥମ ଗାଇଡ୍ ଭାବରେ ରାଜ୍ୟପାଳ କହିଥିଲେ ଯେ ରାଜ୍ୟ ପୁରସ୍କାର କେବଳ ଏକ ପୁରସ୍କାର ନୁହେଁ ବରଂ ସମାଜ ଏବଂ ଦେଶ ପ୍ରତି ଚରିତ୍ର, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରତୀକ। ଏହି ସମ୍ମାନ କରୁଣା, ଦଳଗତ କାର୍ଯ୍ୟ, ଦାୟିତ୍ୱ ଏବଂ ଦେଶପ୍ରେମ ଭଳି ମୂଲ୍ୟବୋଧକୁ ପ୍ରତିଫଳିତ କରେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଆନ୍ତରିକତା, କଠିନ ପରିଶ୍ରମ ଏବଂ ମାନବ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମାଧ୍ୟମରେ ଏହି ମାନ୍ୟତା ପାଇଛନ୍ତି। ପିଲାମାନଙ୍କ ମଧ୍ୟରେ ଦୟା, ନମ୍ରତା, ଶୃଙ୍ଖଳା ଏବଂ ସହାନୁଭୂତି ଭଳି ମୂଲ୍ୟବୋଧକୁ ଜାଗ୍ରତ କରାଇବା ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଏବଂ କରୁଣାପୂର୍ଣ୍ଣ ନାଗରିକ ଗଠନ କରିବାରେ ସହାୟକ ହୋଇଥାଏ। ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଅଭିଯାନକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ଏହା ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ଜୀବନ କୌଶଳ, ପରିବେଶଗତ ସଚେତନତା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ବୃଦ୍ଧି ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି । ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ସାର୍ବଜନୀନ କାର୍ଯ୍ୟକ୍ରମ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶାରେ ଚାରି ଲକ୍ଷରୁ ଅଧିକ ସ୍କାଉଟ୍ସ ଏବଂ ଗାଇଡ୍ସ ସମେତ ଦେଶବ୍ୟାପୀ ସଂଗଠନର ୭.୫ ନିୟୁତରୁ ଅଧିକ ସଦସ୍ୟଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଯୁବ କୃତିତ୍ୱ ହାସଲକାରୀଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ, ୟୁନିଟ୍ ଲିଡର ଏବଂ ଅଧିକାରୀମାନଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପାଧ୍ୟକ୍ଷ ଶ୍ରୀ କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ବିଭିନ୍ନ ବର୍ଗରେ କୃତିତ୍ୱ ହାସଲକାରୀଙ୍କୁ ପୁରସ୍କୃତ କରାଯାଇଥିଲା।



# ମିଶନ ରକ୍ତଦାନ ତରଫରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ୨୪।୫ (ମହାଭାରତ):** ରକ୍ତଦାନ ହେଉଛି ମାନବତାର ସର୍ବୋ□ମ ସେବା ଓ କ□ବ୍ୟ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାର ଗୁଡ଼ିକରେ ରକ୍ତର ଅଭାବ ପରିଲକ୍ଷିତ ହୁଏ । ଏହାଦ୍ୱାରା ଥାଲାସେମିଆ, କର୍କଟ, ଦୁର୍ଘଟଣା, ଗର୍ଭବତୀ ମହିଳା ଓ ଶିଶୁଙ୍କ ଜୀବନ ବିପଦ ମୁଖରେ ପଡ଼ିବାର ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି "ମିଶନ ରକ୍ତଦାନ" ତରଫରୁ ଦୀର୍ଘବର୍ଷ ଧରି ରକ୍ତଦାନ କାର୍ଯ୍ୟକ୍ରମ କରାଯାଉଛି। ଆଜି ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପରିସରରେ ମିଶନ ରକ୍ତଦାନ, ଜାତୀୟ ଯୁବ ପ୍ରକଳ୍ପ, ଭାରତୀୟ ବିଦ୍ୟା ଭବନ ଓ ୟୁଥ ଫର ଭଲ୍ୟୁ□ାରୀ ଓ୍ୱାର୍କର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ କାର୍ଯ୍ୟକ୍ରମ ମିଶନ ରକ୍ତଦାନର ପ୍ରତିଷ୍ଠାତା ହରପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ରୂପେ ଭୁବନେଶ୍ୱର ମଧ୍ୟମ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ପୂର୍ବତନ ଖଦୀବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଯୁବନେତା ମନ୍ମଥ ରାଉତରାୟ, ଚଳଚ୍ଚିତ୍ର ଅଭିନେତ୍ରୀ ଦେବଯାନୀ ଦେଗୁରିଆ, ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ଟ୍ରଷ୍ଟୀ ମଧୁସୂଦନ ଦାସ, ଭାରତୀୟ ବିଦ୍ୟାଭବନର ଅଧ୍ୟକ୍ଷ ଜୟନ୍ତ କୁମାର ମହାନ୍ତି, ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ, ଗାନ୍ଧୀବାଦୀ ନେତା ପ୍ରହଲ୍ଲାଦ ସିହ୍ନା, ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଅଲିଅଲି ମଲ୍ଲିକ, ରଞ୍ଜୁଲତା ରାୟ, ଆସିୟା ବେଗମ, ସମାଜସେବୀ ରୋଜାଲିନ୍ ପାଟ୍ଟଶାଣୀ, ସମାଜସେବୀ ମାନି ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମାନେ ସ୍ୱଇଚ୍ଛାରେ ରକ୍ତଦାନ କରିବା ସହ ଅନୁଷ୍ଠାନ ଗୁଡ଼ିକର ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ବିଭୂତି ଭୂଷଣ ସାହୁ, ସୂର୍ଯ୍ୟକାନ୍ତ ସେଠି, ଦେବଯାନୀ ଦାସ, ସତ୍ୟବ୍ରତ ଜେନା ଏବଂ ଜୟଦେବ କଲେଜର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ ।



# ଯୁକ୍ତ୨ରେ କିସ୍ ଛାତ୍ରଛାତ୍ରୀଙ୍କ ବାଜିମାତ୍

**ଭୁବନେଶ୍ୱର,୨୪।୫ (ମହାଭାରତ):** ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ ହାର ଯଥାକ୍ରମେ ୮୪.୫୦, ୮୮.୮୦ ଓ ୮୮.୦୭ ପ୍ରତିଶତ ଥିବା ବେଳେ କିସ୍‌ର ପାସ ହାର ଆଶାନୁରୂପ ରହିଛି। ଚଳିତବର୍ଷ କିସ୍‌ରେ ୧୮୪୭ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ। ଏଥର ମଧ୍ୟ କିସ୍‌ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। କିସ୍‌ରେ ମୋଟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। କଳା ଓ ବାଣିଜ୍ୟରେ ୫ଜଣ ଲେଖାଏଁ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୭ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ନେହା କୁଜୁର କଳାରେ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଥିବା ବେଳେ ବିଜ୍ଞାନରେ ସରିବାଲା ମୁଣ୍ଡା ସର୍ବାଧିକ ୯୬ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ଶଶିମଣୀ ମାଝୀ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି।



# ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ଯୋଗାଣ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୪।୫ (ମହାଭାରତ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଯୋଗାଣ ନିଗମ ମିଳିତ ଆନୁକୂଲ୍ୟରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଦିନ ଲୋକସେବା ଭବନ କାନଭେନ ସେଂଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ନିକଟରେ ରନ୍ଧନ ଗ୍ୟାସର କଳାବଜାରୀ ରୋକିବାରେ ଯୋଗାଣ ଅଧିକାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସେହିଭଳି ପେଟ୍ରୋଲ-ଡିଜେଲ କଳାବଜାରୀ କରିଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଖାଲି ସେତିକି ନୁହେଁ ଚାଷୀମାନଙ୍କଠାରୁ ଠିକଣା ସମୟରେ ସେମାନଙ୍କଠାରୁ ଧାନ ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ନିଜ ଉଦ୍‌ବୋଧନରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଦ୍ୱାରା ଲୋକମାନଙ୍କ ନିକଟରେ ସରକାରଙ୍କ ଆଭିମୁଖ୍ୟ ପହଂଚିପାରିବ ବୋଲି ସେ ମତ ଦେଇଥିଲେ । ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀମାନଙ୍କ ଇ-କେଓ୍ୱାଇସି ୯୬ ପ୍ରତିଶତ ଶେଷ ହୋଇଛି । ଏହାକୁ ଶତପ୍ରତିଶତ କରିବା ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ସେ କହିଥିଲେ । ସେହିଭଳି ୧୪୪ଟି ସୁଲଭ ମୂଲ୍ୟ ଦୋକାନରେ ଶତପ୍ରତିଶତ ଇ-କେଓ୍ୱାଇସି ଯାଂଚ ଶେଷ ହୋଇଛି ଓ ବାକିଥିବା ଅନ୍ୟ ସୁଲଭ ମୂଲ୍ୟ ଦୋକାନରେ ଏହି ପ୍ରକ୍ରିୟା ଶତପ୍ରତିଶତ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେହିଭଳି ଗତ ଖରିଫ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀମାନଙ୍କଠାରୁ ୭୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ ସହାୟତା ବାବଦକୁ ପ୍ରାୟ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଦାମ ଚରଣ ମଣ୍ଡଳ, ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ, ଶ୍ରୀଧର ନାୟକ, ଯୋଗାଣ ନିଗମ ସାଧାରଣ ପରିଚାଳକ ପ୍ରଭାତ ମହାପାତ୍ର, ଶ୍ରୀମତୀ ଏଲୋରା ସାମଲ, ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମ୍ମିଳନୀରେ ଧାନକିଣା, ଇ-କେଓ୍ୱାଇସି ଓ ମଣ୍ଡି ପରିଚାଳନାରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ । ଧାନସଂଗ୍ରହ କ୍ଷେତ୍ରରେ ବରଗଡ଼, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାକୁ ସମ୍ବର୍ଦ୍ଧିତ କରିଥିବାବେଳେ ଇ-କେଓ୍ୱାଇସି କରିବାରେ ସଫଳତା ହାସଲ କରିଥିବା ଜିଲ୍ଲା ଭାବେ ସୁନ୍ଦରଗଡ଼, ଦେବଗଡ ଜିଲ୍ଲାକୁ ମାନପତ୍ର ପ୍ରଦାନ କରାଯାଇଥିଲା।



# ଓଡିଶା ଅପରାଧ ଉପରମୁହାଁ, କୋମାରେ ପୋଲିସ

**ଭୁବନେଶ୍ୱର, ୨୪।୫ (ମହାଭାରତ):** ରାଜ୍ୟରେ ଅପରାଧ ଉପର ମୁହାଁ ହୋଇଥିଲା ବେଳେ ମନୋବଳ ହରାଇ ପୋଲିସ କୋମାରେ । ବ୍ରହ୍ମପୁରରେ ବିଚ୍ ବଜାରରେ ଅପରାଧୀମାନେ ଯେଉଁଭଳି ଭାବେ ଅମାନବୀୟ କାଣ୍ଡ ରଚିଲେ ତାହା ରାଜ୍ୟବାସୀଙ୍କ ମୁଣ୍ଡ ତଳକୁ କରିଛି । ପ୍ରତ୍ୟେକ ଦିନ ରାଜ୍ୟବାସୀ କେବଳ ଗୁଣ୍ଡାରାଜ ଓ ଅରାଜକତାର ଚିତ୍ର ଦେଖୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ଆଇନଶୃଙ୍ଖଳାର ଚରମ ଅଧୋଗତିକୁ ନେଇ ବିଜେପି ସରକାରକୁ କଡା ନିନ୍ଦା କରିଛନ୍ତି । ଶ୍ରୀ ବକ୍ସିପାତ୍ର କହିଛନ୍ତି, ପୋଲିସର ନିଷ୍କ୍ରିୟତା ଓ ଶାସକ ଦଳର ପ୍ରୋତ୍ସାହନରେ ଗଂଜାମ ଜିଲ୍ଲାରେ ଗତ ଏକମାସରେ ୧୦ରୁ ଅଧିକ ହତ୍ୟାକାଣ୍ଡ ସଂଗଠିତ ହୋଇଛି । ଗତ ସୋମବାର ଦିନ ଗିରି ରୋଡରେ ଘଟିଥିବା ବର୍ବରୋଚିତ ଆକ୍ରମଣର ଦୁଇ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ବିଜେପି ବିଧାୟକଙ୍କ ସହଯୋଗୀ ହୋଇଥିବାରୁ ପୋଲିସ ତାଙ୍କୁ ଗିରଫ କରିବାକୁ ସାହାସ ଜୁଟାଇ ପାରୁନାହିଁ । ବ୍ରହ୍ମପୁର ପୋଲିସ ବିଜେପି ଦଳ ଦ୍ୱାରା ଏଭଳି ଚାପଗ୍ରସ୍ତ ଯେ, ପ୍ରତ୍ୟେକ ଦିନ ବିଧାୟକଙ୍କ ଘରେ ଏସ୍ପିଓଙ୍କୁ ହାଜିରା ଦେବାକୁ ପଡୁଛି । ସାଧାରଣ ଲୋକଟିଏ ଥାନାକୁ ଗଲେ ପୋଲିସ ପ୍ରଥମେ ତାଙ୍କୁ ପଚାରୁଛି ତୁମେ କେଉଁ ଦଳର ସମର୍ଥକ । ଏଫ୍ଆଇଆରରେ ନାଁ ଥିଲେ ମଧ୍ୟ ଶାସକ ଦଳର ଇଙ୍ଗିତରେ ତଦନ୍ତରେ ଅଭିଯୁକ୍ତଙ୍କ ନାଁ କଟାଯାଉଛି । ଏଥିପାଇଁ ଆଜି ବ୍ରହ୍ମପୁର ଓ ଗଂଜାମ ପୋଲିସ ଜିଲ୍ଲା ରାଜ୍ୟର କ୍ରାଇମ ହବ୍ ଭାବେ ଅପଖ୍ୟାତି ମୁଣ୍ଡାଇଛି ।

ଶ୍ରୀ ସାହୁ କହିଛନ୍ତି ଯେ, ଡବଲ ଇଂଜିନ ସରକାର କ୍ଷମତାକୁ ଆସିବା ପରେ ସାରା ରାଜ୍ୟରେ ବିଜେପି ନେତା ଓ ଅପରାଧୀଙ୍କ ମଧ୍ୟରେ ଏକ ଅନୈତିକ ବୁଝାମଣା ହୋଇ ପୋଲିସ ଉପରେ ଚାପ ପ୍ରୟୋଗ କରାଯାଉଛି । ଫଳସ୍ୱରୁପ ପୋଲିସ ମନୋବଳ ଭାଙ୍ଗିଯାଇଛି । ଯାହାର ଚିତ୍ର ପ୍ରତ୍ୟେକ ଦିନ ରାଜ୍ୟବାସୀ ଦେଖୁଛନ୍ତି । ନୟାଗଡରେ ଥାନା ମଧ୍ୟରେ ପୋଲିସକୁ ଆକ୍ରମଣ, ଭୁବନରେ ଥାନା ଆଇଆଇସିଙ୍କୁ ଆକ୍ରମଣ କରି ବାଲି ମାଫିଆମାନେ ଗାଡି ଛଡାଇନେବା, ଟାଙ୍ଗିରେ ପୋଲିସ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା ଦେଖିବାକୁ ମିଳିଛି । ପିଏସ୍‌ଓଙ୍କ ବନ୍ଧୁକ ଛଡାଇ ବିଜେପି ବିଧାୟକ ଫାଙ୍କା ଗୁଳିଚାଳନା କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଅପରାଧୀଙ୍କୁ ଏନ୍କାଉଣ୍ଟର ପାଇଁ ଯେଉଁଦିନ ପୋଲିସ ମହାନିର୍ଦ୍ଦେଶକ କହୁଛନ୍ତି, ସେହିଦିନ ହିଁ ବ୍ରହ୍ମପୁରରେ ଏହିଭଳି ବର୍ବୋଚିତ କାଣ୍ଡ ଘଟୁଛି ।ଡ. ମହାନ୍ତି କହିଥିଲେ ଯେ, ନୟାଗଡରେ ଦୈନିକ ଖବରକାଗଜ ସକାଳର ସାମ୍ବାଦିକଙ୍କ ଉପରେ ମିଥ୍ୟା ଦୁଷ୍କର୍ମ ମାମଲା ରୁଜୁ ଓ ଖବରକାଗଜ ପୋଡିବା ଦୁର୍ଭାଗ୍ୟଜନକ ।



# ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ମଚାରୀ ମହାସଂଘର ଆଲୋଚନାଚକ୍ର

**ଭୁବନେଶ୍ୱର, ୨୪।୫ (ମହାଭାରତ):** "ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ମଚାରୀ ମହାସଂଘର କର୍ମଚାରୀଙ୍କୁ ନେଇ ତା ୨୦.୦୫.୨୦୨୬ ରିଖ ଦିବା ୧୧ ଘଟିକା ସମୟରେ ସ୍ଥାନୀୟ ଜୟଦେବ ଭବନଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନା ଯୋଗଦେଇ ଆଦର୍ଶ ବିଦ୍ୟାଳୟ କର୍ମଚାରୀମାନଙ୍କର ଦୟନୀୟତା ବ୍ୟବସ୍ଥା ବାବଦରେ ଆଲୋଚନା କରିଥିଲେ । ପିଲାମାନଙ୍କୁ ୧୦୦ସିଟେଡ୍ ହଷ୍ଟେଲ୍‌ରେ ୨୪ ଘ□ା ଦାୟିତ୍ୱର ସହିତ ନିଷ୍ଠାପର ଭାବରେ ଦୀର୍ଘ ୨୦୧୯ ମସିହାଠାରୁ ମହିଳା କର୍ମଚାରୀମାନେ କାର୍ଯ୍ୟକରି ଆସୁଛନ୍ତି । ସାମୁହିକ ଭାବେ ବେତନ ଟ.୨୫,୦୦୦/- ମିଳୁଛି, ସେଥିରୁ ୨୫% ଇପିଏଫ୍ କାଟି ଦିଆଯାଉଅଛି । ସରକାରଙ୍କ ନିୟମ ଅନୁସାରେ ୧୨% ମୂଳ ଦରମାରୁ ଏବଂ ସରକାରଙ୍କ ଇପିଏଫ୍ ଫଣ୍ଡରୁ ୧୩% ମିଶାଇ ମୋଟ୍ ୨୫% ତାଙ୍କ ଇପିଏଫ୍ ଫଣ୍ଡରେ ଡିପୋଜିଟ୍ ହେବାକଥା, ତାହା ହେଉନାହିଁ । ତା' ସହିତ ସେମାନଙ୍କର ପ୍ରାପ୍ୟ ଯଥାର୍ଥ ଦାବିଗୁଡ଼ିକ ସରକାର ଖୁବ୍ ଶୀଘ୍ର ବିଚାର କରନ୍ତୁ। ଦାବି ଗୁଡ଼ିକ ମଧ୍ୟରେ ୧. ବେତନ ବୃଦ୍ଧି କରାଯାଉ ୨. ଆମ୍ଭମାନଙ୍କର ଇପିଏଫ୍ ୧୨% କଟାଯାଇ ସରକାରଙ୍କ ଇପିଏଫ୍ ଫଣ୍ଡରୁ ୧୩% ଦିଆଯାଉ ।୩. ହଷ୍ଟେଲ୍‌ରେ ଥିବା ପିଲାମାନଙ୍କ ସ୍ୱାସ୍ଥ୍ୟ ତ□ାବଧାନ ନିମନ୍ତେ ଏ.ଏନ୍.ଏମ୍. ନିଯୁକ୍ତି ଦିଆଯାଉ । ୪. ୨୪ଘ□ା କାର୍ଯ୍ୟରତ ଥାଇ ପିଲାମାନଙ୍କ ପାଖରେ ଆମ୍ଭମାନଙ୍କୁ ରହିବାକୁ ପଡୁଛି, ଆମକୁ ସ୍ୱତନ୍ତ୍ର ଫ୍ୟାମିଲି କ୍ୱାର୍ଟର ଦିଆଯାଉ । ୫. କାର୍ଯ୍ୟରତ ସମୟରେ ହଠାତ୍ ଦୁର୍ଘଟଣା ଘଟିଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଉ ।



# ନୀଳାଦ୍ରି ବିହାର ସରସ୍ୱତୀ ବିଦ୍ୟା ମନ୍ଦିରର ଶତ ପ୍ରତିଶତ ସଫଳତା

**ଭୁବନେଶ୍ୱର, ୨୪।୫ (ମହାଭାରତ):** ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ନୀଳାଦ୍ରି ବିହାର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ବିଜ୍ଞାନରେ ୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ୯୦ ପ୍ରତିଶତ, ୧୪ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ଓ ୩୬ ଜଣ ପ୍ରଥମ ଶ୍ରେଣୀ ୨୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉ□ୀର୍ଣ୍ଣ ହୋଇଛନ୍ତି। ଆଦିତ୍ୟରାଜ ସ୍ୱାଇଁ ୯୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଓମ ପ୍ରକାଶ ସାହୁ ଓ ଆଦ୍ୟାଶା ଅମ୍ବିକା ପରିଡା ୯୨ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲାବେଳେ ଅଂଶୁମାନ ଦାସ ୯୦ ପ୍ରତିଶତ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଆଜି ବିଦ୍ୟା ମନ୍ଦିର ପରିସରରେ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସମ୍ପାଦକ ସତ୍ୟବ୍ରତ ପୃଷ୍ଟି ଓ ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ସେଠୀ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ପରିଶ୍ରମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର କୋଷାଧ୍ୟକ୍ଷ ଅଞ୍ଜନ କୁମାର ତାହା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



# ମୁଖ୍ୟ ଶାସନ ସଚିବଙ୍କ ସହିତ ଜାପାନ କନସୁଲ ଜେନେରାଲଙ୍କ ବୈଠକ

**ଭୁବନେଶ୍ୱର, ୨୪।୫ (ମହାଭାରତ):** ଓଡ଼ିଶା ସରକାର ଶିଳ୍ପ ଉନ୍ନୟନ, କୌଶଳ ବିକାଶ, ପର୍ଯ୍ୟଟନ, ସଂସ୍କୃତି, ଯୁବ ବିନିମୟ ଏବଂ ଜନସାଧାରଣଙ୍କ ସହ ପାରସ୍ପରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଏବଂ ଜାପାନର 'ତୋରୋରି' ପ୍ରିଫେକ୍ଟର (ରାଜ୍ୟ) ମଧ୍ୟରେ ଏକ ଔପଚାରିକ ମୈତ୍ରୀ ଚୁକ୍ତି ସ୍ଥାପନ ପାଇଁ ଜାପାନ ସରକାର ସହ ଆଲୋଚନାକୁ ଆଗକୁ ବଢ଼ାଉଛନ୍ତି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ କୋଲକାତାସ୍ଥିତ ଜାପାନର କନସୁଲ ଜେନେରାଲ (ମହା ବାଣିଜ୍ୟ ଦୂତ)ଙ୍କ ମଧ୍ୟରେ ଗତକାଲି ହୋଇଥିବା ସାକ୍ଷାତ ଆଲୋଚନା ପରେ ଆଜି ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଜାପାନର କନସୁଲ ଜେନେରାଲ ଇଶିକାଓ୍ୱା ୟୋଶିହିସାଙ୍କ ମଧ୍ୟରେ ଏକ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡ଼ିଶା ଏବଂ ଜାପାନର 'ତୋତୋରି' ରାଜ୍ୟ ମଧ୍ୟରେ ସମ୍ଭାବ୍ୟ ସହଯୋଗ ନେଇ ଆଲୋଚନା କରାଯାଇଥିଲା ।

ବୈଠକରେ ଓଡ଼ିଶା ଏବଂ ତୋଭୋରି ପ୍ରିଫେକ୍ଟର ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି ଉପରେ ଆଲୋଚନା ସହ ପରସ୍ପର ସମ୍ପର୍କିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷୀୟ ସହଯୋଗକୁ ଆହୁରି ସୁଦୃଢ଼ କରିବାର ସୁଯୋଗ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଚୁକ୍ତିର ପ୍ରସ୍ତାବିତ ଖସଡ଼ା ଢାଞ୍ଚାରେ ଅର୍ଥନୀତି ଓ ଶିକ୍ଷା, ପର୍ଯ୍ୟଟନ ପ୍ରୋତ୍ସାହନ, ଯୁବ ଏବଂ ଛାତ୍ର ବିନିମୟ, କର୍ମଚାରୀ ବିନିମୟ, ସଂସ୍କୃତି ଏବଂ ପରିବେଶ ଭଳି କ୍ଷେତ୍ରରେ ସହଯୋଗକୁ ସାମିଲ କରାଯାଇଛି । ସହଭାଗିତା ସମ୍ପର୍କିତ ପ୍ରକ୍ରିୟା ଏବଂ ସମୟସୀମାକୁ ଚୂଡ଼ାନ୍ତ କରିବା ପାଇଁ ଓଡ଼ିଶା ସରକାର, ଟୋକିଓସ୍ଥିତ ଭାରତୀୟ ଦୂତାବାସ ଏବଂ ତୋଭୋରି ପ୍ରିଫେକ୍ଟର ସରକାରଙ୍କ ସମ୍ମିଳିତ ସମନ୍ୱୟ ବୈଠକ ଆୟୋଜନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଓଡ଼ିଶାର ବିକାଶଶୀଳ ଶିଳ୍ପ ପରିବେଶ ଏବଂ ଉନ୍ନତ ଉତ୍ପାଦନ, କୌଶଳ ବିକାଶ, ପର୍ଯ୍ୟଟନ ଓ ସାଂସ୍କୃତିକ ବିନିମୟ ଭଳି କ୍ଷେତ୍ରରେ ଉଦୟମାନ ସୁଯୋଗଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଉଭୟ ପକ୍ଷ ଜାପାନୀ ଭାଷା ପ୍ରଶିକ୍ଷଣ, ଦୁଇ ଦେଶ ମଧ୍ୟରେ ଛାତ୍ର ଏବଂ ଅଧ୍ୟାପକ ବିନିମୟ, ବୌଦ୍ଧ ପର୍ଯ୍ୟଟନ ସର୍କିଟକୁ କେନ୍ଦ୍ର କରି ଓଡ଼ିଶାର ପର୍ଯ୍ୟଟନ ପ୍ରୋତ୍ସାହନ, କ୍ରୀଡ଼ା ସହଯୋଗ ଏବଂ ଶିଳ୍ପ ସମ୍ପର୍କ ସୁଦୃଢ଼ କରିବାର ସମ୍ଭାବନା ନେଇ ମଧ୍ୟ ଆଲୋଚନା କରିଥିଲେ । ପ୍ରସ୍ତାବିତ ଓଡ଼ିଶା-ତୋଭୋରି ସହଭାଗିତା, ଜାପାନ ସହ ଓଡ଼ିଶାର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ଆର୍ଥିକ, ସାଂସ୍କୃତିକ, ଶିକ୍ଷା ଏବଂ ଶିଳ୍ପ କ୍ଷେତ୍ରରେ ଦୀର୍ଘମିଆଦୀ ସହଯୋଗକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଏହି ଆଲୋଚନାରେ ଓଡ଼ିଶା ରାଜ୍ୟ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ।



# ସ୍ୱାଭାବିକ ବର୍ଷା

ମୌସୁମୀ ଶୀଘ୍ର ଆସିଲେ ମଧ୍ୟ ସ୍ୱାଭାବିକ ବର୍ଷା ହେବ ବୋଲି କୁହାଯାଇପାରିବ ନାହିଁ। ଅନେକ ସମୟରେ ଦୁର୍ବଳ ମୌସୁମୀ ଯୋଗୁ ଏହା ଠିକ ସମୟରେ ଆସିଲେ ମଧ୍ୟ ଭଲ ବର୍ଷା ନହେବାର ନଜିର ରହିଛି। ପାଣିପାଗ ବିଶେଷଜ୍ଞ ଏବଂ ଆଇଏମଡିର ଆକଳନ ଅନୁଯାୟୀ ଚଳିତ ବର୍ଷ ଏଲନିନୋ ପ୍ରଭାବରୁ ଭାରତରେ ସ୍ୱଳ୍ପବୃଷ୍ଟିର ଆଶଙ୍କା ରହିଛି। ସ୍ଥଳ ବିଶେଷରେ ମରୁଡ଼ିର ଆଶଙ୍କା ମଧ୍ୟ ରହିଛି। ଏଲନିନୋର ପ୍ରଭାବ ଭାରତରେ ସର୍ବାଧିକ ରହିବ। ଫଳରେ ଭାରତ ଭଳି ଏକ କୃଷି ପ୍ରଧାନ ଦେଶର ଅର୍ଥନୀତି ପ୍ରଭାବିତ ହୋଇପାରେ। ଏଥିପାଇଁ ଆଗୁଆ ମୁକାବିଲା ଲାଗି ପ୍ରସ୍ତୁତିର ଆବଶ୍ୟକତା ରହିଛି। ଓଡ଼ିଶା ଭଳି ଏକ ରାଜ୍ୟରେ ଏହାର ଅଧିକ ଆବଶ୍ୟକତା ରହିଛି। ଏଥିପାଇଁ ଉପଯୁକ୍ତ ଜଳ ପରିଚାଳନାର ଆବଶ୍ୟକତା ରହିଛି। ଓଡ଼ିଶା ଭଳି ଏକ ଉପକୂଳବର୍ତ୍ତୀ ରାଜ୍ୟରେ ଜଳସଙ୍କଟ ନିଶ୍ଚିତଭାବେ ଏକ ମନୁଷ୍ୟକୃତ ସଙ୍କଟ କହିଲେ ଭୁଲ ହେବ ନାହିଁ। ଏଠାରେ ପ୍ରଚୁର ବର୍ଷ ହେଉଥିଲେ ମଧ୍ୟ ବର୍ଷା ଜଳର ସଞ୍ଚୟ ଏବଂ ସଦୁପଯୋଗ ଲାଗି କିଛି ଯୋଜନା କରାଯାଉନଥିବାରୁ ଆଜି ରାଜ୍ୟରେ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଅନେକ ଗ୍ରାମରେ ଲୋକେ ପାଣିବିନା ତହଳ ବିକଳ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମଋତୁରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି ନଦୀ କୂଳରେ ବସବାସ କରୁଥିବା ଲୋକେ ମଧ୍ୟ ପାଣି ସଂଗ୍ରହ କରିବାକୁ ମାଇଲ ମାଇଲ ବାଟ ଚାଲୁଛନ୍ତି। ଖରାଦିନେ ନଦୀ ଶୁଖି ଯାଉଛି। ତେଣୁ ପାଣି ସମସ୍ୟା ଉତ୍କଟ ହେଉଛି। ଚାଷ ପାଇଁ ଜଳ ଯୋଗାଣ ଦୂରର କଥା ପିଇବାକୁ ବା ଦୈନିନ୍ଦିନ ଆବଶ୍ୟକତା ପୂରଣ ପାଇଁ ଲୋକେ ପାଣିମୁନ୍ଦେ ପାଉ ନାହାଁନ୍ତି। ଅନେକ ସ୍ଥାନରେ ଲୋକେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଖରାଦିନେ କେନାଲରେ ମଧ୍ୟ ଜଳ ଯୋଗାଣ ହେଉନି। ଉପକୂଳ ଅଞ୍ଚଳ କଥା ଯଦି ଏପରି, ପାହାଡ଼ିଆ ଅଞ୍ଚଳର ସ୍ଥିତି କେତେ ଖରାପ ହୋଇଥିବ ଏଥିରୁ ସହଜେ ଅନୁମେୟ। ଏହି ସମସ୍ୟା ଏବେ ନୁହେଁ, ଅନେକ ବର୍ଷ ହେବ ଦେଖିବାକୁ ମିଳୁଛି। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ତଳମୁଣ୍ଡରେ ରହୁଥିବା ଲୋକଙ୍କ ଅବସ୍ଥା ମଧ୍ୟ ସଙ୍ଗୀନ। ମହାନଦୀ ଉପରମଭୁଣ୍ଡରେ ଛତିଶଗଡ଼ ସରକାର ବହୁ ବ୍ୟାରେଜ ନିର୍ମାଣ କରିବା ପଳରେ ହୀରାକୁଦକୁ ଜଳ ପ୍ରବାହ କମିଛି। ତେଣୁ ଖରାଦିନେ ତଳମୁଣ୍ଡକୁ ପାଣି ଆସୁନି ଏବଂ ଲୋକେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଲାଗି ପ୍ରତିବର୍ଷ ବଜେଟରେ ବିପୁଳ ଅର୍ଥ ବରାଦ ହେଉଛି। କିନ୍ତୁ ଏହାର ସଦୁପଯୋଗ ହେଉନଥିବାରୁ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନି। କିଛି ବର୍ଷ ତଳେ ସରକାର ମୋ ପୋଖରୀ ଯୋଜନା ଆରମ୍ଭ କରିଥିଲେ। ଲକ୍ଷ୍ୟ ଥିଲା ଯେ, ଗ୍ରାମାଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ପୋଖରୀ ଖୋଳାଯିବ ଏବଂ ବର୍ଷା ଦିନେ ଏହିସବୁ ପୋଖରୀରେ ଜଳ ସଞ୍ଚୟ କରାଯିବ ଯାହା ଖରାଦିନେ କାମରେ ଆସିବ। ଯୋଜନା ଓ ଚିନ୍ତାଧାରା ଉନ୍ନତ ଥିଲା। କିନ୍ତୁ ଏହାର କାର୍ଯ୍ୟକାରୀତା ଠିକ ଭାବେ ହୋଇନପାରିବାରୁ ଯୋଜନା କେବଳ କାଗଜପତ୍ରରେ ରହିଗଲା। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ୫୦ରୁ ଅଧିକ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରୁଛନ୍ତି ଏବଂ ଏହା ଉଭୟ କୃଷି ଏବଂ ଶିଳ୍ପ କ୍ଷେତ୍ରକୁ ଜଳଯୋଗାଣରେ ବ୍ୟବହୃତ ହେଉଛି। ଓଡ଼ିଶା ସରକାର ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ଓଡ଼ିଶାକୁ ବ୍ୟାରେଜ ନିର୍ମାଣ କରିବାକୁ କିଏ ମନା କରୁଛି ? ଛତିଶଗଡ଼ ଭଳି ଓଡ଼ିଶା ସରକାର ମଧ୍ୟ ମହାନଦୀ ଓ ଏହାର ଶାଖା ନଦୀ ସମେତ ଅନ୍ୟାନ୍ୟ ସବୁ ଛୋଟ ବଡ଼ ନଦୀରେ ଯଦି ଏଭଳି ବ୍ୟାରେଜ ନିର୍ମାଣ କରିପାରନ୍ତେ ତେବେ ରାଜ୍ୟରେ ଜଳସଙ୍କଟ ଅନେକାଂଶରେ ଦୂର ହୋଇପାରନ୍ତା।

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

"

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ।

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରି ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨


# ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା।୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ।୧୯୧୯ରେ ପଂଞ୍ଜାବର ଜାଲିଓ୍ୱାନାଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣିରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମତୁଆଳ ପ୍ରାଣ ହରାଇଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢ଼ମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।


ବଳଦେବ କଲୋନି, ଜୟୀପୁରା, କେନ୍ଦ୍ରାପଡା


# ମହାତ୍ମାଙ୍କ ଶେଷ ଦିନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ୍ୟ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - ''ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଉଦଳା ସଦର ମଣ୍ଡଳ ପକ୍ଷରୁ ଶକ୍ତିକେନ୍ଦ୍ର ବୈଠକ

ଉଦଳା /କପ୍ତିପଦା, (ମହାଭାରତ) : ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆଜି ଦେଶ ତଥା ରାଜ୍ୟ ର ସମସ୍ତ ପଞ୍ଚାୟତ ରେ ଶକ୍ତିକେନ୍ଦ୍ର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ପଞ୍ଚାୟତ ନିର୍ବାଚନ କୁ ଆଖି ଆଗରେ ରଖି ଗାଁ ଠୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ କେମିତି ସଂଗଠନ କୁ ସୁଦୃଢ଼ କରିହେବ ସେଇଥିନେଇ ବୁଥ ସଭାପତି, ପଞ୍ଚାୟତ ପ୍ରମୁଖ, ବୁଥ ସମ୍ପାଦକ. ଜିଲ୍ଲା ପଦାଧିକାରୀଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଉଦଳା ସଦର ମଣ୍ଡଳ ର ଛଅ ଗୋଟି ପଞ୍ଚାୟତରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ନିହାର ମୋଦି ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କ ନିର୍ଦ୍ଦେଶ କ୍ରମେ ମଣ୍ଡଳ ସଭାପତି ଭାଗିରଥି ସେଠି ଏବଂ ମଣ୍ଡଳ ପ୍ରଭାରୀ ପ୍ରଭାତ ପରିଡା ଯୋଗ ଦେଇ ଆଗାମୀ ଦଳୀୟ କାର୍ଯ୍ୟକ୍ରମ ତଥା ସଂଗଠନ ର ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗେ ସରକାର ଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମ କେମିତି ସାଧାରଣ ଲୋକଙ୍କ ପାଖର ପହଁଚିପାରିବ ସେଥିନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏସଆଇଆର ଏବଂ ମନ କି ବାତ ଶୁଣିବା ସହ ବୈଠକ ହେବା ନେଇ ଦଳୀୟ କାର୍ଯ୍ୟ କର୍ତାଙ୍କୁ ସୂଚନା ଦିଆ ଯାଇଥିଲା । ତେବେ ଆଜିର ଏହି ବୈଠକ ରେ ଛଅ ଗୋଟି ପଞ୍ଚାୟତ ର ବିଭିନ୍ନ ଜାଗାରେ ବୈଠକ ଅନୁଷ୍ଠିତ ହେବା ସହ ପଞ୍ଚାୟତ ପ୍ରମୁଖ ପଞ୍ଚାୟତ ସହ ପ୍ରମୁଖ ଏବଂ ବୁଥ ସଭାପତିଙ୍କ ସହ ମଣ୍ଡଳ ର କାର୍ଯକର୍ତା ଯୋଗ ଦେଇଥିଲେ। ସଦର ମଣ୍ଡଳ ର ସମ୍ପାଦକ ପୀତବାସ ସେଠି, ଗୁଣମଣୀ ଖଣ୍ଡେଇ, ରାକେଶ ପୁହାଣ, ହିମାଂଶୁ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ବୁଥ ସ୍ତରୀୟ କାର୍ଯ୍ୟକର୍ତା ଉପସ୍ଥିତ ରହିଥିଲେ ।

## ସ୍କୁଲ ଟପ୍ପର ହୋଇ ବାଲିଚନ୍ଦ୍ରପୁର ପାଇଁ ଗୌରବ ଆଣିଲେ ପ୍ରିୟଦର୍ଶନୀ



ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁର ପଟଣା-ବାଲିଚନ୍ଦ୍ରପୁର ଗ୍ରାମର ହେମନ୍ତ କୁମାର ସାହୁ ଓ ମାଆ ତୁଳସୀ ସାହୁଙ୍କ ଝିଅ ପ୍ରିୟଦର୍ଶନୀ ସାହୁ ସଦ୍ୟ ପ୍ରକାଶିତ +୨ ବିଜ୍ଞାନରେ ସ୍କୁଲ ଟପ୍ପର ହୋଇ ବାଲିଚନ୍ଦ୍ରପୁର ତଥା ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ +୨ ବିଜ୍ଞାନରେ ମୋଟ ୬୦୦ ମାର୍କ ରୁ ୫୬୭ ନମ୍ବର ସହ ୯୪.୫ ପ୍ରତିଶତ ମାର୍କ ରଖି ଉକ୍ତ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଖବର ଜଣାପଡ଼ିବା ପରେ ବାଲିଚନ୍ଦ୍ରପୁର ଅଂଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରିୟଦର୍ଶନୀଙ୍କ ନାନପୁର ପଟଣାସ୍ଥିତ ବାସଭବନରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାପ୍ରେମୀ ଓ ବୃଦ୍ଧିଜୀବୀ ମାନେ ପହ□ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପାଇଁ ସେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ବାପା/ମାଆ ଓ ସହପାଠୀ ମାନଙ୍କୁ ଶ୍ରେୟ ଦେଇଥିବା ବେଳେ ଭବିଷ୍ୟତରେ ନିଟ୍ ପରୀକ୍ଷା ଦେଇ ଡ଼ାକ୍ତର ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ପିଲିପଦର ଅଞ୍ଚଳବାସୀ

ଫିରିଙ୍ଗିଆ, (ମହାଭାରତ) : ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ର ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ମାଳମାଳ ଯୋଜନା କରୁଛନ୍ତି ସତ କିନ୍ତୁ ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନ ଇଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ପିଲି ପଦର ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳ ବାଶି ଉବାସ ଦିଗାଲ,ତନିକ ଦିଗାଲ, କୁଶ କହଁର, ହେମନ୍ତ କହଁର,କପୁଣ୍ଡ ଦିଗାଲ, ନନ୍ଦ କହଁର,ପନିତାଦିଗାଲ, ଇନ୍ଦ୍ରମଣି ସାହୁ, ବୈକୁଣ୍ଠ କହଁର, ମମତା ଦିଗାଲ,ରାସ କହଁର, ଲେବନ୍ତି କହଁର, ଉର୍ମିଳା ଦିଗାଲ ଅଭିଯୋଗ କରିଛନ୍ତି ପିଲି ପଦର ଗ୍ରାମବାସୀ।ଏଥିପାଇଁ ରାଜ କୋଷ ରୁ କୋଟି କୋଟି ଟଙ୍କା ସରକାର ବ୍ୟୟ ବରାଦ କରୁଛନ୍ତି, ତଥାପି ଉପାନ୍ତ ଅଞ୍ଚଳରେ ବିକାଶ ସାତ ସପନ ପାଲଟିଛି। ଏପରି ଅନେକ ଗ୍ରାମ ଅଛି ଯାହା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ତଳ ଡାଙ୍ଗାଣାମୁ ଗ୍ରାମ ର ପଲିପଦର ସାହିରେ ୧୫ ପରିବାରର ୭୫ ରୁ ଉର୍ଦ୍ଧ ଲୋକ ବସବାସ କରନ୍ତି । ବଣ ପାହାଡ଼ ଘେରା ଏହି ଗ୍ରାମବାସୀ ଜଙ୍ଗଲରେ ସଂଘର୍ଷ କରି ଜୀବନ ଯାପନ କରୁଛନ୍ତି।ତେବେ ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତା ର ୭୯ ବର୍ଷ ପରେ ମଧ୍ୟ ଏହି ଗ୍ରାମ ବିକାଶ ମୁଖ୍ୟ ସ୍ରୋତ ରେ ସାମିଲ ହୋଇ ପାରିନାହିଁ ।ଏହି ଗ୍ରାମକୁ ଭଲ ରାସ୍ତା ଖଣ୍ଡିଏ ନଥିବା ବେଳେ ବିଜୁଳି ଆଲୁଅ ସାତ ସପନ ପାଲଟିଛି । ବିଭିନ୍ନ ମୌଳିକ ସମସ୍ୟା ଭିତରେ ଛନ୍ଦି ହୋଇ ରହିଛନ୍ତି ଏହି ଗ୍ରାମର ଜନସାଧାରଣ। ସର୍ବଦା ଖାଲଖମା ଭରା ପାହାଡ଼ିଆ ରାସ୍ତା ଦେଇ ଯାତାୟାତ କରନ୍ତି ଓ ଜରୁରୀ କାଳୀନ ପରିସ୍ଥିତି ରେ ଏହି ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚି ପାରେ ନାହିଁ ଏଣୁ କାହାରି କିଛି ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ଦୋଳାରେ ବୁହା ହୋଇ ପ୍ରାୟ ୭ କିଲୋମିଟର ଦୂର ପିଚୁ ସଡ଼କ ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ। ଅନେକ ସମୟରେ ଲୋକେ ଅକାଳ ମୃତ୍ୟୁର ଶିକାର ହେଉଥିବା ନଜର ରହିଛି ଗ୍ରାମକୁ ପକ୍କା ରାସ୍ତା ନଥିବାରୁ ଗୁଡ଼ି, ବାଲି, ସିମେଣ୍ଟ, ରଡ଼ ଆଦି ପରିବହନ ହୋଇ ପାରୁ ନଥିବାରୁ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ଗ୍ରାମରେ ପକ୍କା ଘର ଟିଏ ମଧ୍ୟ କରିପାରୁ ନାହାନ୍ତି। ବିଦ୍ୟୁତ ସଂଯୋଗ ହୋଇ ନଥିବାରୁ ଆଜିବି ଲୋକେ ଡିବିରି ଆଲୁଅ ଉପରେ ଭରସା କରୁଛନ୍ତି । ସନ୍ଧ୍ୟା ହେଲେ ବନ୍ୟ ଜନ୍ତୁ ଭୟରେ ତାଟି କବାଟ ବନ୍ଦ ହୋଇଯାଏ । ଆଲୁଅ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା ରହୁଛି। ଦେଶ ବିଦେଶର ଖବର ହେଉ କି ମନୋରଞ୍ଜନ ଆଦି ସୁବିଧାରୁ ବଞ୍ଚିତ ରହିଛନ୍ତି ଗ୍ରାମ ବାସୀ । ଭୋଟ ସମୟରେ ମାଳ ମାଳ ନେତା ମନ୍ତ୍ରୀ ଆସି ପ୍ରତିଶ୍ରୁତି ଦେଇ ପୋତି ପକାନ୍ତି, ହେଲେ ହଟେଇଲା ପରେ କାହାର ଦେଖା ନାହିଁ । ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନେଇ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ଅନେକ ଥର ଅଭିଯୋଗ ହୋଇଥିଲେ ସୁଦ୍ଧା ସୁଫଳ ମିଳୁ ନଥିବା କହିଛନ୍ତି ଗ୍ରାମବାସୀ ।ଏଣୁ ଏଥିପ୍ରତି ଜିଲ୍ଲା ତଥା ବ୍ଲକ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଶୁଭ ଦୃଷ୍ଟି କେବେ ପଡ଼ିବ ତାହା ଅପେକ୍ଷାରେ ଅଞ୍ଚଳବାସୀ।

## ମହୁନାଡ଼ ଯୋଗାଇଛି ଜୀବନ ଜୀବିକା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ବର୍ତ୍ତମାନ ମହୁନାଡ଼ ବିକ୍ରି ହେଉଥିବା ର ଦେଖିବାକୁ ମିଳିଛି ।ଏହି ମହୁନାଡ଼ ବନ୍ଧ ,ପୋଖରୀ, ସାଗର ରୁ ମହିଳା ମାନେ ସଂଗ୍ରହ କରି ବଜାରକୁ ବିକ୍ରି ବଟା ସକାଶେ ଆଣିଥାନ୍ତି। ବିଡା ୧୦ ଟଙ୍କା ୨୦ ଟଙ୍କାରେ ଏହି ମହୁନାଡ଼ କୁ ବିକ୍ରି କରିଥାନ୍ତି ।ପରିଶ୍ରମ ଅନୁସାରେ ସେତିକି ପାରିଶ୍ରମିକ ସେମାନଙ୍କୁ ମିଳି ନ ଥାଏ ।ତଥାପି ନିଜର ଜୀବନ ଜୀବିକା ବଞ୍ଚିବା ସକାଶେ ଏହି ମହୁନାଡ଼ କୁ ବିକ୍ରି କରି ଥାନ୍ତି ।ସକାଳୁ ସକାଳୁ ବିଭିନ୍ନ ବନ୍ଧ ପୋଖରୀ କୁ ଯାଇ ମହିଳା ମାନେ ଏହି ମହୁନାଡ଼ ସଂଗ୍ରହ କରି ତାକୁ ସଫା କରି ବିଡା ବାନ୍ଧି ବଜାର କୁ ବିକ୍ରି କରିବା ପାଇଁ ଆଣିଥାନ୍ତି ।ଗ୍ରାହକ ଏହି ମହୁନାଡ଼ କ୍ରୟ କରି ନେଇଥାନ୍ତି।

# ରାଜ୍ୟରେ ବାଲ୍ୟ ବିବାହରେ ନୟାଗଡ଼ ଦ୍ୱିତୀୟ
# ପ୍ରତି ମାସରେ ବିବାହ ବେଦିରୁ ୬ ନାବାଳିକା ଉଦ୍ଧାର

ନୟାଗଡ, (ମହାଭାରତ) : ବାଲ୍ୟବିବାହ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ନୟାଗଡ଼ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ପ୍ରଶାସନ ପହଞ୍ଚି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରୁଛି। ତଥାପି ବାଲ୍ୟବିବାହ ଉପରେ ରୋକ୍ ଲାଗିପାରୁ ନାହିଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ( ଏନ୍ ?ଏଫ୍ଏସ୍ଏସ୍ ) ସର୍ଭେ ନୟାଗଡ଼ ଜିଲ୍ଲାର ମୁଖା ଖୋଲି ଦେଇଛି। ବାଲ୍ୟ ବିବାହ କ୍ଷେତ୍ରରେ ଏହି ଜିଲ୍ଲା ଏବେ ନବରଙ୍ଗପୁର ପରେ ଦ୍ୱିତୀୟ ସ୍ଥାନରେ ରହି ରହିଛି। ଗତ ୫ ବର୍ଷର ମଧ୍ୟରେ ପ୍ରାୟ ତିନିଶହ ବାଲ୍ୟ ବିବାହ ବନ୍ଦ କରାଯାଇଥିବା ଜଣାପଡ଼ିଛି। ଏନ୍ଏଫ୍ଏଚ୍ଏସ୍-୫ ସର୍ଭେ ଅନୁଯାୟୀ ନୟାଗଡ଼ ଜିଲ୍ଲାର ବାଲ୍ୟ ବିବାହ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି। ଜିଲ୍ଲାର ୩୫.୭% ନାବାଳିକା ବିବାହ କରୁଛନ୍ତି। ଗତ ବର୍ଷ କେବଳ ଅପ୍ରେଲ ରୁ ଜୁନ୍ ମଧ୍ୟରେ ୨୯ଟି ବାଲ୍ୟ ବିବାହ କୁ ବନ୍ଦ କରାଯାଇଛି। ସେଥିମଧ୍ୟରୁ ୧୦ ଜଣ ଏବେ ବି ଫେରାର ଅଛନ୍ତି। ନିୟମ ଅନୁଯାୟୀ, ଉଦ୍ଧାର କରାଯାଉଥିବା ନାବାଳିକାଙ୍କ ପିତା ମାତାଙ୍କ ନାଁରେ କୌଣସି ମାମଲା ରୁଜୁ କରାଯାଇ ପାରିବ ନାହିଁ। ମାତ୍ର ପୁଅ ମାନଙ୍କର ପରିବାର ବର୍ଗଙ୍କ ନାଁରେ ମାମଲା ରୁଜୁ କରିବାକୁ ନିୟମ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗ ହୋଇଛି। ଏହାଛଡ଼ା ବାଲ୍ୟବିବାହ ଦିଗରେ ସଚେତନ ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁ ଦାୟିତ୍ୱ ଦିଆଯାଉଥିଲେ ମଧ୍ୟ ସେମାନେ ସେତେଟା ତତ୍ପର ହେଉ ନାହାନ୍ତି। ବିବାହ କରିବା ପାଇଁ ନାବାଳିକା ଯେତେବେଳେ ଆସୁଛି,



ସେତେବେଳେ ହିଁ ସେମାନଙ୍କ ନିଦ ଭାଙ୍ଗୁଛି। ୨୦୧୯ ରେ ୨୩ ଜଣ ନାବାଳିକାଙ୍କ ବିବାହ ବନ୍ଦ କରାଯାଇଥିବା ବେଳେ ୨୦୨୦ ରେ ୪୬ଟି, ୨୦୨୧ ରେ ୭୭ଟି, ୨୦୨୨ ରେ ୯୦ଟି ଓ ୨୦୨୩ ରେ ୬୦ଟି ବାଲ୍ୟ ବିବାହ ଉପରେ ପ୍ରଶାସନ ରୋକ୍ ଲଗାଇଛି। ଏହି ୫ବର୍ଷ ମଧ୍ୟରେ ମୋଟ୍ ୨୯୬ଟି ବାଲ୍ୟ ବିବାହ କୁ ବନ୍ଦ କରି ଦିଆଯାଇଛି। ଏହା ମଧ୍ୟରେ ଅତି ଛୋଟ ଅବସ୍ଥାରେ ୮ ଜଣ ନାବାଳିକାଙ୍କୁ ସେମାନଙ୍କ ପରିବାର ଲୋକ ବାହାଘର କରି ଦେଉଥିବା ବେଳେ ଖବର ପାଇ ପ୍ରଶାସନ ସେଠାରେ ପହଞ୍ଚି ଏହାକୁ ବନ୍ଦ କରିଛି। ସେମାନଙ୍କ ବିରୋଧରେ ମାମଲା ବି ରୁଜୁ କରିଛି। ପ୍ରଶାସନ ପକ୍ଷରୁ ଜିଲ୍ଲାର ୧୫୩୨ ଗାଁ ମଧ୍ୟରୁ ୭୬୪ ଗାଁକୁ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରାଯାଇଛି। ତଥାପି ଏତେ ସଂଖ୍ୟାରେ ନାବାଳିକାଙ୍କର କେମିତି ବିବାହ ହେଉଛି, ତାହା ଜଣାପଡୁ ନାହିଁ ଯେତିକି ମାମଲା ସାମ୍ନାକୁ ଆସିଛି, ଏହାର ତଥ୍ୟ ପ୍ରଶାସନ ପାଖରେ ରହିଛି। ଉପାନ୍ତ ଅଞ୍ଚଳରେ ଏମିତି ଘଟଣା ଘଟିଥିଲେ ମଧ୍ୟ ଏହି ଖବର ପ୍ରଶାସନ ପାଖରେ ପହଞ୍ଚି ପାରି ନାହିଁ। ଆଦିବାସୀ ସଂପ୍ରଦାୟ ହୁଅନ୍ତୁ ଅବା ଆର୍ଥିକ ଅନଗ୍ରସର ପରିବାର ସେମାନେ ପ୍ରଶାସନର ଏହି ସଚେତନତାକୁ ସେତେଟା ଗୁରୁତ୍ୱ ଦେଉ ନଥିବା ସ୍ପଷ୍ଟ ଭାବେ ଜଣାପଡୁଛି। ଏ ନେଇ ଜିଲ୍ଲା ଶିଶୁ ସୁରକ୍ଷା ସେ ସେଲ୍ ପକ୍ଷରୁ କୁହାଯାଇଛି ଯେ ରୋଜଗାର କମ୍ ସାଙ୍ଗକୁ ଘରେ ଯଦି ଅଧିକ ଝିଅ ଥିବ ପରିବାର ଗୁଡ଼ିକ ଏମିତି କାମ କରୁଛନ୍ତି। ଯେତେବେଳେ ବି ବିବାହ ପ୍ରସ୍ତାବ ଆସୁଛି, ପରିବାର ବର୍ଗ ରାଜି ହୋଇ ଯାଉଛନ୍ତି। ବାଲ୍ୟ ବିବାହ ହେଉଥିବା ଅଞ୍ଚଳ ଗୁଡ଼ିକରୁ ଲୋକ ମାନେ ପ୍ରଶାସନକୁ ଫୋନ୍ କଲେ ତୁରନ୍ତ ତୁରନ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସେଠାରେ ପହଞ୍ଚି ଏହାକୁ ବନ୍ଦ କରୁଛନ୍ତି।

## ଯୁବ ବର୍ଗ ପାଇଁ ପ୍ରେରଣା ସାଜିଛନ୍ତି ସମ୍ପଦ : ବିଜେଡି ଓ କଂଗ୍ରେସ ଛାଡି ଶତାଧିକ କର୍ମୀ ବିଜେପିରେ ସାମିଲ



ପାରାଦୀପ, (ମହାଭାରତ) : ନା ଅଛି ବିରୋଧୀ ଙ୍କ ବିରୋଧ କୁ ଭୃକ୍ଷେପ, ନା ଅଛି ବିରୋଧୀଙ୍କ ସମାଲୋଚନାରେ ଭୟ, ନିଜର କାର୍ଯ୍ୟ ଶୈଳୀ ଓ କୋକଙ୍କ ପ୍ରତି ସେବା ମନୋଭାବ ଆଜି ଯୁବନେତା ଓଡିଶାର କୋଣ ଅନୁକୋଣେ ପରିଚିତ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ପାଲଟିଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବବର୍ଗଙ୍କ ପାଇଁ ପ୍ରେରଣା ର ଉତ୍ସ । ପାରାଦୀପ ନିର୍ବାଚନ ମଣ୍ଡଳୀରେ ସମୃଦ୍ଧ ହେଉଛି ବିଜେପି, ଭାରତବର୍ଷ ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ, ବଳିଷ୍ଠ ନେତୃତ୍ୱ,ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ ସହିତ ପାରାଦୀପ ର ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଲୋକପ୍ରିୟତାକୁ ଅନୁସରଣ କରି ଆଜି ବିଜେଡି ଓ କଂଗ୍ରେସ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି ପାଞ୍ଚଶହରୁ ଉର୍ଦ୍ଧ ସଂଗଠକ ଓ କର୍ମୀ । ରାହାମା ପଞ୍ଚାୟତ ର ସାଇଲୋ ମଣ୍ଡପ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଶିକ୍ଷମନ୍ତ୍ରୀ ଙ୍କ ଉପସ୍ଥିତ ରେ ୫ ଶହ ରୁ ଉର୍ଦ୍ଧ କର୍ମୀ ଓ ନେତୃତ୍ୱ ମାନେ ଦଳ ଛାଡି ବିଧିବଦ୍ଧ ଭାବରେ ବିଜେପିରେ ସାମିଲ ହୋଇଛନ୍ତି । ସମସ୍ତ କର୍ମୀ ମାନଙ୍କୁ ଶିକ୍ଷମନ୍ତ୍ରି ସମ୍ପଦ ଚନ୍ଦ୍ର ସ୍ୱାଇଁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହିତ ଆଜିର ଏହି ମିଶ୍ରଣ ପର୍ବରେ ବିଜେପି ରେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଜି ଓଡିଶାରେ ଲୋକଙ୍କ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଦୁଇବର୍ଷ ଭିତରେ ପାଳନ କରିଛନ୍ତି । ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଯୁବବର୍ଗ ଙ୍କୁ ଆତ୍ମନିର୍ଭର କରିବା ରେ ଲୋକଙ୍କ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆଜି ଶିଳ୍ପ ବଢୁଛି, ଶିଳ୍ପ ଦ୍ୱାରା ପରୋକ୍ଷ ହେଉ କିମ୍ବା ପ୍ରତ୍ୟେକ୍ଷ ଭାବରେ ସ୍ଥାନୀୟ ଲୋକ ଆତ୍ମନିର୍ଭରଶିଳ ହୋଇପାରୁଛନ୍ତି । ଯାହା ର ପ୍ରତିଫଳନ ସ୍ୱରୂପ ଆଜି ବିଜେପି ପ୍ରତି ଲୋକଙ୍କ ଆସ୍ଥା ବଢିବାରେ ଲାଗିଛି ।ବିରୋଧୀ ଙ୍କ ଆଚରଣ ସେ ବିରୋଧ କରିବେ କିନ୍ତୁ ତାହାର କିଛି ପ୍ରଭାବ ପଡିବ ନାହିଁ, ଆଜି ବିରୋଧୀ ଯେଉଁଭଳି ଅଯଥାରେ ମିଥ୍ୟା ଆରୋପ ଲଗାଇ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି, ଲୋକ ସବୁ ଜାଣିଛନ୍ତି, କିଏ କଣ, ଆଉ ପାରାଦୀପ ମାଟିରେ କାହାର ବିରୋଧ କୁ ଖାତିର କରୁନାହାନ୍ତି ସାଧାରଣ ଜନତା । ସାଧାରଣ ଲୋକ ସବୁ ଜାଣିଛନ୍ତି ଜାହାର ପ୍ରତିଫଳନ ଆଜି ଆପଣ ମାନେ ଦେଖୁଛନ୍ତି ବୋଲି ମିଶ୍ରଣ ପର୍ବରେ କହିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ. ।

## ନର୍ଲା ରେଞ୍ଜ କମର୍ଦ୍ଧାସେକ୍ସନରେ ଏକ ଦନ୍ତା ହାତୀର ମୃତ୍ୟୁ

ନର୍ଲା, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ର କମର୍ଦ୍ଧାସେକ୍ସନରେ ଥିବା ଏକ ପୋଖରୀ ପାଖରେ ହାତୀର ମୃତ୍ୟୁ । ଦୁଇ ତିନିଦିନ ପୂର୍ବରୁ ହୋଇଥିବା ଜଣା ପଡୁଥିବା ଅନୁମାନ କରୁଥିବା ବେଳେ ହାତୀର ମୁଣ୍ଡ ସହିତ ଶରୀର ର ଭିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଓ ପୋକ ସାଲୁ ବାଲୁ ହେଉଥିବା ଦେଖାଯାଉଛି । ନିକଟସ୍ଥ ଗ୍ରାମବାସୀ ଙ୍କ ଠାରୁ ସୂଚନା ପାଇ କଳାହାଣ୍ଡି ବନବିଭାଗ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରି ରଖିଛନ୍ତି । ସ୍ଥାନୀୟ ଲୋକଙ୍କ ମତ ଅନୁସାରେ ଏହି ଘଟଣାଟି ବର୍ତ୍ତମାନ ଯେଉଁଭଳି ପ୍ରବଳ ଗରମ ଯୋଗୁଁ ନଦୀ ନାଳ ରେ ପାଣିର ଅଭାବ ଥିବା ବେଳେ ପାଣିର ଅନ୍ୱେଷଣରେ ହାତୀ ପଲ ବୁଲୁଥିବା ବେଳେ ଦୁଇ ଦନ୍ତା ହାତୀ ମଧ୍ୟରେ ଲଢେଇ ହେବା ଫଳରେ ଘଟଣା ଘଟି ଥିବା କହୁଥିବା ବେଳେ ବନବିଭାଗ ର ପଦାଧିକାରୀ ମଧ୍ୟ ଏଭଳି କଥା କହୁଛନ୍ତି, ତେବେ ପ୍ରକୃତ ଘଟଣା କଣ ଅସ୍ପଷ୍ଟ ଥିବା ବେଳେ ହାତୀ ର ଶବ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ମତାମତ ପରି ପ୍ରକାଶ ପାଇଛି ।

## ଦଶପଲ୍ଲାରେ ରାଜ୍ୟ ଗୋପ ସମାଜର ବାର୍ଷିକଉତ୍ସବ

ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ଆଞ୍ଚଳିକ ଗୋପାଳ ସମାଜର ଆନୁକୂଲ୍ୟରେ ରବିବାର ଦିନ ଦଶପଲ୍ଲା ବିବେକାନନ୍ଦ ପଠନ କେନ୍ଦ୍ର ଠାରେ ରାଜ୍ୟ ଗୋପ ସମାଜର ବାର୍ଷିକ ଅଧିବେଶନ ଗମ୍ଭୀର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସମାଜର ସଙ୍ଗଠନ ମଜବୁତ କରିବା, ସାମାଜିକ ଏକତା ବୃଦ୍ଧି କରିବା ସହ ଆଗାମୀ କାର୍ଯ୍ୟକ୍ରମ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା ।ଅଧିବେଶନରେ ଦଶପଲ୍ଲା ରାଜ୍ୟ ସଭାପତି ବଜେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଐକ୍ୟ ଓ ଭାଇଚାରାକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ସମ୍ପାଦକ କରୁଣାକର ବେହେରା ସମାଜର ବିଭିନ୍ନ କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସେହିପରି ଦଶପଲ୍ଲା ଆଞ୍ଚଳିକ ସଭାପତି ଯୁଗଳ କିଶୋର ବେହେରା ଓ ସମ୍ପାଦକ କୃଷ୍ଣ ଚନ୍ଦ୍ର ବେହେରା ସମାଜର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଅଧିବେଶନରେ ଦଶପଲ୍ଲା ଆଞ୍ଚଳିକ ଗୋପାଳ ସମାଜର ବହୁ ସଦସ୍ୟ, ଭାଇ ଓ ବେହେରା ବୃନ୍ଦ ଉପସ୍ଥିତ ରହି ସକ୍ରିୟ ଭାଗ ନେଇଥିଲେ ।ଶେଷରେ ସମାଜର ଉନ୍ନତି ଓ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ।

## ଗଣମାଧ୍ୟମର ପ୍ରଭାବ ଓ ବ୍ୟାସ ଫାଉଣ୍ଡେସନର ସହଯୋଗରେ ଦିବ୍ୟାଙ୍ଗ ବିଧବା ପାଇଲେ ଭତ୍ତା

ପାରାଦୀପ, (ମହାଭାରତ) : ଦୀର୍ଘ ୧୬ ମାସ ଧରି,ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ପଞ୍ଚାୟତ ଅଧୀନସ୍ଥ ତରାପୁର (ଛାତ୍ରମଠ) ଗ୍ରାମର ଶାନ୍ତିଲତା ଦାସ ନାମକ ଜଣେ ପୂର୍ଣ୍ଣ ଦିବ୍ୟାଙ୍ଗ ବିଧବା ମହିଳା, ମାସିକ ବାରଶହ ଟଙ୍କାର ଭତ୍ତା ପାଉନଥିବା ଖବର ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶିତ ହେବା ପରେ, ସତ୍ୟସାଇ ବାବା ଙ୍କ ପ୍ରଶାନ୍ତି ରେ ଥାଇ, ବ୍ୟାସଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଦୃଷ୍ଟିକୁ ଆସିଥିଲା ଏହି ସମ୍ବେଦନଶିଳ ଖବର। ଏତେ ଦୂରରେ ଥାଇ ମଧ୍ୟ ତତକ୍ଷଣାତ ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କୁ ଅବଗତ କରାଇବା ସହିତ ତିର୍ତ୍ତୋଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ କୁମାର ସାହୁ ଙ୍କ ସହ ମଧ୍ୟ ଯୋଗାଯୋଗ କରିଥିଲେ। ଯାହାଫଳରେ ବିଭାଗୀୟ ଅଧିକାରୀ ମାନେ ହିତାଧିକାରୀଣୀଙ୍କ ଘରେ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପରେ ଗତ ଶନିବାର ଦିନ ତାଙ୍କୁ ବକେୟା ଥିବା ପନ୍ଦର ହଜାର ଟଙ୍କା ପ୍ରଦାନ କରିବା ସହିତ ଆଗାମୀ ଦିନରେ ନିୟମିତ ଭତ୍ତା ଟଙ୍କା ପାଇବା ପାଇଁ ଆଶୁ ପଦକ୍ଷେପ ନିଆଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମ



ରେ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଓ କନକପୁର ଜନକଲ୍ୟାଣ ସେବା ସମବାୟ ସମିତି ର ସଭାପତି ଅଜୟ କୁମାର ରାଉଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତେବେ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷ୍ୟ ଶ୍ରୀମତୀ ଆଚାର୍ଯ୍ୟ ଙ୍କର ଏପରି ନିସ୍ୱାର୍ଥପର ସେବା କାର୍ଯ୍ୟ ପାଇଁ ହିତାଧିକାରୀଣୀ ଦିବ୍ୟାଙ୍ଗ ବିଧବା ବୃଦ୍ଧା ଶାନ୍ତିଲତା ଦାସ ଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅଧିବାସୀ ମାନେ ତାଙ୍କର ଉଚ୍ଚପ୍ରଶଂସା କରିଛନ୍ତି ।

# ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତ୍ୟୁ ବେଳକୁ କେହି କାନ୍ଧ ଦେଲେନି - ଶବ ସତ୍କାର କଲେ ସମାଜସେବୀ ଓ ସାମ୍ବାଦିକ

ପାଟଣାଗଡ ( ମହାଭାରତ ) ମଣିଷ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରେ ବସତି ସ୍ଥାପନ ପାଇଁ ଯୋଜନା କରୁଥିବାବେଳେ ଆଧୁନିକ ଯୁଗରେ ମଧ୍ୟ କୁ- ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଜୀବିତ ଅଛି। କୁ- ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଆଗରେ ଉଚ୍ଚ ଶିକ୍ଷା, ଶିକ୍ଷିତ ସମାଜ ଆଜି ବି ମୁଣ୍ଡ ନୁଆଁଇଛି। ଅନ୍ୟ ଜାତିରେ ବିବାହ କରିବା କଣ ଭୁଲ ? ଅନ୍ୟ ଜାତିରେ ବିବାହ କରିବା କଣ ପାପ ? ମଣିଷକୁ କଣ ଏଇଥି ପାଇଁ ଶ୍ରେଷ୍ଠ ଜୀବ କୁହାଯାଏ ? ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଞ୍ଚାୟତର ବେହେରାବନ୍ଧ ଗ୍ରାମରେ। ଗ୍ରାମର ପଞ୍ଚସ୍ତରୀ ବର୍ଷୀୟ ବୃଦ୍ଧ ପୁଟୁ ମଲ୍ଲିକଙ୍କ ଗତ କାଲି ସନ୍ଧ୍ୟା ରେ ମୃତ୍ୟୁ ହୋଇଛି।



ତାଙ୍କର ସ୍ତ୍ରୀ ଅନ୍ୟ ଜାତିର ଏବଂ ବିଗତ ଦୁଇ ବର୍ଷ ପୂର୍ବେ ତାଙ୍କର ଦେହାନ୍ତ ହୋଇଛି। ବର୍ତ୍ତମାନ ତାଙ୍କର ପୁଅ କେହି ନାହାନ୍ତି,କେବଳ ଝିଏ ଟିଏ ସେ ମଧ୍ୟ ବାହା ହୋଇ ସାରିଛନ୍ତି। ମୃତ୍ୟୁ ସମୟରେ ତାଙ୍କର ଶବକୁ ଚାରି କାନ୍ଧ ଦେବାକୁ, ଶବ ସତ୍କାର କରିବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁ ଲୋକ ମଧ୍ୟ କେହି ବାହାରିଲେ ନାହିଁ। ସମସ୍ତଙ୍କୁ କେବଳ ଜାତି ବାସନ୍ଦ ଭୟ, ଆମ୍ଭେ ଶବ ସତ୍କାର କିମ୍ବା ଶବ ସତ୍କାର କାର୍ଯ୍ୟରେ ସହଯୋଗ କଲେ କାଳେ ଆମ୍ଭକୁ ମଧ୍ୟ ଜାତିରୁ ବାସନ୍ଦ କରିଦେବେ ଭୟରେ କେହି ପାଖକୁ ମଧ୍ୟ ଆସିଲେ ନାହିଁ। ପ୍ରାୟ ଦୁଇ ଘଣ୍ଟା ସମୟ ଧରି ନିଜ ଘରେ ଶବ ପଡ଼ି ରହିଲା। ଶବ ସତ୍କାର କରିବା ପାଇଁ ସମାଜସେବୀ ତଥା ଆଦିବାସୀ ନେତା ଗିରିରାଜ ଭୋଇଙ୍କୁ ରାତ୍ରୀ ପ୍ରାୟ ଆଠ ଘଣ୍ଟା ସମୟରେ ଫୋନ୍ କରି ଘଟଣା ବିଷୟରେ ଅବଗତ କରେଇଲେ। ଖବର ପାଇ ଗିରିରାଜ ଭୋଇଙ୍କ ସହିତ ସମାଜ ସେବୀ ଜନସନ ନାଗ, ସାମ୍ବାଦିକ ପ୍ରବୀଣ ଭାଇ ପୁରୋହିତ, ସାମ୍ବାଦିକ ଅଭିମନ୍ୟୁ ବାଗ ମୃତ୍ୟୁ ସ୍ଥଳକୁ ପହଞ୍ଚି ଥିଲେ। ପ୍ରଥମେ ଗ୍ରାମର କିଛି ବ୍ୟକ୍ତିଙ୍କୁ ଶବ ସତ୍କାର କରିବାକୁ ଅନୁରୋଧ କରିଥିଲେ ସମାଜସେବୀ ସେବୀ ମାନେ। ସାମାଜିକ ବାସନ୍ଦ ଭୟରେ ହଁ କହିବା ତ ଦୂରର କଥା ଘରୁ ବାହାରକୁ ମଧ୍ୟ କେହି ବାହାରିଲେ ନାହିଁ। ଶବ ପଡିଥିବାରୁ ସେତେବେଳ ପର୍ଯ୍ୟନ୍ତ ଗାଁରେ ରୋଷେଇ ମଧ୍ୟ ବନ୍ଦ ଥିଲା। ଶବ ସତ୍କାର କରିବା ପାଇଁ ସ୍ମଶାନ ଘାଟକୁ ଯିବାକୁ କହିବାରୁ ମଧ୍ୟ କେହି ବାହାରିଲେ ନାହିଁ। ଶେଷରେ ଚାରି ଜଣ ସମାଜସେବୀ ସସମ୍ମାନେ ଖଟରେ ବୋହି ରାତ୍ରିରେ ମୋବାଇଲ ଲାଇଟ ସାହାଯ୍ୟରେ ପ୍ରାୟ ଏକ କିଲୋମିଟର ଦୂର ସ୍ମଶାନ ଘାଟ ନଦୀ ପାଖକୁ ନେଇଥିଲେ। ସେଠାରେ ସମାଧି ଦେବା ପାଇଁ ଖାଲ କୁଡ଼ା ଯାଇଥିଲା ଓ ଶବକୁ ସମ୍ମାନ ସହ ସମାଧି ଦିଆ ଯାଇଥିଲା। ଅନ୍ଧାରୀଆ ରାତ୍ରୀ ହୋଇ ଥିବାରୁ ତଳେ ସାପ, ବିଛା,ବିଷାକ୍ତ କୀଟ ପତଙ୍ଗ କୁ ଯେତିକି ଭୟ ଥିଲା ତାଠାରୁ ଅଧିକ ଭୟ କିଛି ଦିନ ତଳେ ଅଞ୍ଚଳକୁ ଆସିଥିବା ଦୁଇ ଟିକିଆ ହାତୀ ପାଲକୁ ଆହୁରି ଭୟ ଥିଲା। ଭୟ ଥିଲେ ମଧ୍ୟ ଶବ ସମାଧି କାର୍ଯ୍ୟ ସମାପନ କରି ନିଜ ନିଜ ଘରକୁ ଫେରିଲେ ସମାଜସେବୀ ମାନେ। ସମାଜସେବୀଙ୍କ କହିବା ମୁତାବକ ଜୀବିତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଏକ ଘରିଆ, ସାମାଜିକ ବାସନ୍ଦ କରିବା ନିୟମ ଉଲଂଘନ କରୁଥିଲେ ମଧ୍ୟ ଗୋଟିଏ ଶବକୁ ବାସନ୍ଦ କରିବା ନିଶ୍ଚିତ ଭାବେ ଦୁଃଖଦ ଏବଂ ନିନ୍ଦନୀୟ। ନିଶ୍ଚିତ ଭାବେ ମାନବିକତାକୁ ପଦାରେ ପକେଇ ଦେଇଛି ଏବଂ ଏଭଳିଆ ଘଟଣାର ପୁନରାବୃତ୍ତି ନହେବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଗଜପତି:- ଗୁରାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ସାଧାରଣ ବୈଠକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ଗୁରାଣ୍ଡି ସ୍ଥିତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ରୋଗୀ କଲ୍ୟାଣ ସମିତି'ର ଏକ ସାଧାରଣ ବୈଠକ କାର୍ଯ୍ୟକ୍ରମ ଆଜି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର'ର ସମ୍ମିଳନୀ କକ୍ଷ ଠାରେ ସମିତିର ସଦସ୍ୟ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ ।ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସର୍ବାଙ୍ଗୀନ ଉଉତିର ଉଦ୍ଦେଶ୍ୟ ନେଇ ଏହି ବୈଠକ ଅନୁଷ୍ଠିତ ହେଉଥିବା ବେଳେ , ଏହା ଗତ ପ୍ରାୟ ୨ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେଉଥିବା ଯୋଗୁଁ ଏଭଳି ବୈଠକ କରା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଓ ସମିତି'ର କିଭଳି ଉନ୍ନତି ସମ୍ଭବ ହେବା ସହ ସମସ୍ୟା ଗୁଡିକର ସମାଧାନ ହୋଇପାରିବ




ବୋଲି ବିଧାୟକ ଇଂ ପାଣିଗ୍ରାହୀ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର'ଟି ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ବେଳେ ୧୮ କୋଟି ଟଙ୍କା ବ୍ୟୟରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ୱାସ୍ଥ୍ୟ କେନ୍ଦ୍ର କୁ ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ଅଚାନକ ଗସ୍ତ କରି ସେଠାକୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ସଂସ୍ଥା କର୍ମଚାରୀ ଙ୍କୁ ଡକାଇ ସେମାନଙ୍କ ସହ କୋଠା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ଏହି କୋଠା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନ ଭାବେ ଚାଲିଥିବା ଯୋଗୁଁ ଠିକାଦାର ସଂସ୍ଥା ଓ ଯନ୍ତ୍ରୀଙ୍କୁ ଉଚ୍ଚମାନ'ର କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯକ୍ରମ ରେ ବିଧାୟକ ସମେତ ଗୋଷାଣୀ ବ୍ଲକ ଅଧକ୍ଷ ଶ୍ରୀ ଏନ: ବୀରାରାଜୁ , ଗୋଷାଣୀ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ।ଗୌର ଚନ୍ଦ୍ର ପଟ୍ଟନାୟକ , ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ସଦସ୍ୟ ଅଂଶୁମାନ ନାୟକ , ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଏସ ବାଲାରାଜୁ , ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡ଼ିକାଲ ଅଫିସର ଡ: ସୁମନ କୁମାର ସେଠୀ , ଡ଼ାଃ ଅନଙ୍ଗ ସୁଦାନ ଭୂୟାଁ , ପିଏଚଇଓ ମମତା ପାଢ଼ୀ ପ୍ରମୁଖଙ୍କ ସମେତ ସ୍ଥାନୀୟ ଗ୍ରାମ ବାସି ଅଭିମନ୍ୟୁ ପରିଡ଼ା , ମନ ମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କାଶୀନଗରର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତଦାରଖ କଲେ ବିଧାୟକ



କାଶୀନଗର, : ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଏନ୍‌ଏସି ପକ୍ଷରୁ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଏମ୍ ସୁଧାରାଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାରଳା ଯୁବ ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସହକାରୀ ତହସିଲଦାର କେ. ଦିବ୍ୟ ରଞ୍ଜନ ମଞ୍ଚାସୀନ ହୋଇଥିଲେ। ସମସ୍ତ ୱାର୍ଡ କାଉନସିଲର କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତରେ ବୈଠକ ଆରମ୍ଭ ହୋଇଥିଲା। ପରେ ଅଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସ୍ଥିତି ପରୀକ୍ଷା କରିବା ସହ ସ୍ଥାନୀୟ ଲୋକଙ୍କ ସମସ୍ୟା ଶୁଣିଛନ୍ତି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ। ଲୋକମାନଙ୍କ ଅଭିଯୋଗ ଆଧାରରେ ସେ କାଶୀନଗର ଏନ୍‌ଏସିର ବିଭିନ୍ନ ସ୍ଥାନ ଗସ୍ତ କରି ଚାଲୁଥିବା କାର୍ଯ୍ୟଗୁଡ଼ିକର ଗୁଣମାନ ଓ ପ୍ରଗତି ନେଇ ତଦାରଖ କରିଥିଲେ। ଏହି ସମୟରେ ଏନ୍‌ଏସିର ଜେଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ କାମର ସଠିକ୍ ମାନଚିତ୍ର ପ୍ରସ୍ତୁତ କରି ତାଙ୍କୁ ଅବଗତ କରାଇବା ସହ ଲୋକମାନଙ୍କ ସୁବିଧାକୁ ମୁଖ୍ୟତ୍ୱ ଦେଇ କାର୍ଯ୍ୟ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ବିଧାୟକ କାଶୀନଗର ଏନ୍‌ଏସିର ୧୧ନମ୍ବର ୱାର୍ଡରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏନ୍‌ଏସି କାର୍ଯ୍ୟାଳୟ ନିକଟରେ ଥିବା ସାହିରେ ଦୀର୍ଘ ବର୍ଷ ଧରି ରାସ୍ତା ଓ ନାଳ କାମ ହୋଇନଥିବା ଯୋଗୁ ସ୍ଥାନୀୟ ଲୋକେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା କଥା ଅଭିଯୋଗ କରିଥିଲେ। ବିଶେଷକରି ବର୍ଷା ଋତୁରେ ରାସ୍ତାରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହେବା ସହ ନାଳ ବ୍ୟବସ୍ଥା ନଥିବାରୁ ଅପରିଷ୍କାର ପରିବେଶ ତିଆରି ହେଉଥିବା କହିଥିଲେ ସ୍ଥାନୀୟ ଲୋକେ। ଏହାକୁ ଗୁରୁତ୍ୱର ସହ ନେଇ ବିଧାୟକ ଶୀଘ୍ର ରାସ୍ତା ଓ ନାଳ କାମ ଆରମ୍ଭ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ଏହି ସମସ୍ୟାକୁ ଆଉ ଅବହେଳା ନକରି ଲୋକମାନଙ୍କ ଦୈନିକ ଅସୁବିଧାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ବନ୍ଧର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ବିଧାୟକ ତଦାରଖ କରିଥିଲେ। ବନ୍ଧର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ହୋଇଥିବା ମାନଚିତ୍ର ବିଷୟରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବନ୍ଧରେ ସବୁବେଳେ ପାଣି ରହିପାରିବା ଓ ତାହାକୁ ସ୍ଥାନୀୟ ଲୋକଙ୍କ ପାଇଁ ଆକର୍ଷଣୀୟ ସ୍ଥାନ ଭାବେ ଗଢ଼ି ତୋଳିବାକୁ କିପରି ପଦକ୍ଷେପ ନିଆଯିବ, ସେନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜେଇଙ୍କ ସହ ବିଧାୟକ ବିସ୍ତୃତ ଆଲୋଚନା କରିଥିଲେ଼। ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ଓ ପରିବେଶ ସୁରକ୍ଷାକୁ ଧ୍ୟାନରେ ରଖି ଏହି ବନ୍ଧର ବିକାଶ କାର୍ଯ୍ୟ ସଠିକ୍ ଭାବରେ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟ ଏକ ବନ୍ଧର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଚାଷୀ ବିଧାୟକଙ୍କୁ ଜଣାଇଥିଲେ। ଉକ୍ତ ବନ୍ଧର ପୁନରୁଦ୍ଧାର ହେଲେ ବନ୍ଧ ଚାରି ପାଖରେ ଥିବା ଶହ ଶହ ଏକର ଜମି ଫସଲ ପାଇଁ ସୁବିଧାଦାୟକ ହୋଇପାରିବ ବୋଲି ଗୁହାରି କରିଥିଲେ ଚାଷୀ। ଉକ୍ତ ବନ୍ଧକୁ ବିଧାୟକ ଗସ୍ତ କରି ଏନ୍‌ଏସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଯେପରି ଉକ୍ତ ବନ୍ଧ ଚାଷୀଙ୍କ ଉପଯୋଗୀ ହୋଇପାରିବ ସେନେଇ ବନ୍ଧର କାର୍ଯ୍ୟ କରିବା ନେଇ କହିଥିଲେ଼। ଏହାସହ କାଶୀନଗର ଏନ୍‌ଏସି ଭିତର ଦେଇ ଯାଇଥିବା ପୂର୍ତ୍ତ ବିଭାଗର ନୂତନ ଡ୍ରେନେଜ କାର୍ଯ୍ୟକୁ ନେଇ ଉଠିଥିବା ଅଭିଯୋଗ ଉପରେ ମଧ୍ୟ ବିଧାୟକ ଗୁରୁତ୍ୱ ଦେଇଥିଲେ।

## କଇଁଫୁଲିଆ ଛକ ନାମ ପରିବର୍ତ୍ତନକୁ ବିରୋଧ କରି ଥାନାରେ ଏତଲା ଦେଲା ବିଜେଡି



ଆସିକା(ମହାଭାରତ) : ଆସିକା ଆସିକା ଚିନିଶିଳ୍ପ ନିକଟ କଇଁଫୁଲିଆ ନାଳ (ତିନିଛକିଆକୁ) ବେଆଇନ ଭାବେ ସରୋଜ ପାଢୀ ଛକରେ ନାମିତ କରାଯିବା ଅଭିଯୋଗରେ ଆସିକା ବିଜେଡି ପକ୍ଷରୁ ବିଜେଡି ନେତା ନଚିକେତା ସ୍ୱାଇଁ, ହରେକୃଷ୍ଣ ମଲ୍ଲିକ,ସୂର୍ଯ୍ୟକାନ୍ତ ପରିଡା, ଦିଲ୍ଲିପ କୁମାର ପାଣିଗ୍ରାହୀ ପ୍ରମୁଖ ଆସିକା ଥାନା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ରେ ଆସିକା ନିର୍ବାଚନ ମଣ୍ଡଳୀ ବିଧାୟକ ସରୋଜ ପାଢ଼ୀଙ୍କ ଇଚ୍ଛାମୁତାବକ ଆସିକା ଚିନିଶିଳ୍ପ ନିକଟ କଇଁଫୁଲିଆ ନାଳ (ତିନିଛକିଆକୁ) ତାଙ୍କ ନିଜ ନାମ ସରୋଜ ପାଢୀ ଛକରେ ନାମିତ କରିଛନ୍ତି । ଯାହା କି ନିୟମ ବିରୁଦ୍ଧରେ ଥିବା ଦର୍ଶାଇ ଏବଂ ଆସିକା ମ୍ୟୁନସିପାଲି ପକ୍ଷରୁ ଏକ ଓଡିଆ ନାମ ଫଳକ ରାତି ଅଧିଆ ଲଗାଯାଇଛି ।ଏହି ଫଳକ ମାରିବା ଘଟଣା ପ୍ରଘଟ ପରେ ଶତାଧିକ ଅଞ୍ଚଳବାସୀ ଏହି ଫଳକ ନିକଟରେ ରୁଣ୍ଡ ହୋଇଥିଲେ। ସ୍ଥାନୀୟ ୱାର୍ଡ ମେମ୍ବର ସ୍ଥାନୀୟ ବାସିନ୍ଦା ସାଙ୍ଗକୁ ବହୁ ଅନୁଷ୍ଠାନ ପକ୍ଷରୁ ବିଧାୟକଙ୍କ ଏହି ପଦକ୍ଷେପ ଓ ମୁନିସିପାଲିଟି ପକ୍ଷରୁ ଏହାକୁ ଲଗାଯିବ ଏହି ଫଳକ ଲଗାଯିବା ନିତିକୁ ଦୃଢନିନ୍ଦା କରାଯାଇଛି। ପ୍ରକାଶ ଥାଉକି ଏହି କଇଁଫୁଲିଆ ଛକଟି କାଳକ୍ଷଣ୍ଡପୁର ପଞ୍ଚାୟତ ଅଧିନରେ ରହି ଆସିଥିଲା। ବହୁ ପୁରାତନ କାଳରୁ ଏହି କଇଁଫୁଲିଆ ଛକରୁ ଆସିକା ସହର, ନୟାଗଡ ଓ ଭୁବନେଶ୍ୱର ଯିବା ପାଇଁ ଏକ ପ୍ରମୁଖ ମୁଖ୍ୟ ଛକ ରୂପେ ପରିଚିତ। ଏହି ଛକ ଦେଇ ବାଲିପଦର,ଗହଙ୍ଗୁ,ଧନିୟା,ଆଲିପୁର ଅଞ୍ଚଳରୁ ଏକ ନାଳ ପ୍ରବାହିତ ହୋଇ ଏହି କଇଁଫୁଲିଆ ଛକ ଅତିକ୍ରମ କରି ବରଗାଁ, ପଢାଳ, ତରାସିଙ୍ଗ, କେନ୍ଦୁପଦର, ନାରାୟଣ ପୁର ଦେଇ ଋଷିକୂଲ୍ୟା ନଦୀରେ ମିଶିଯାଇଛି। ଆସିକା ବାସିଙ୍କ ପକ୍ଷରୁ ବହୁଦିନର ଦାବି ପରେ ୨୦୨୭ ନିର୍ବାଚନ ପୂର୍ବରୁ ବିଜେଡି ସରକାର ଆସିକାକୁ ମ୍ୟୁନିସିପଲିଟି ଘୋଷଣା କରିଥିଲେ। ବର୍ତ୍ତମାନ ନିକଟରେ ଗତ ତା ୦୭.୦୩.୨୦୨୬ ରାଜ୍ୟ ସରକାର ଆସିକାକୁ ମ୍ୟୁନିସିପଲିଟି ରୁପେ ମାନ୍ୟତା ପ୍ରଦାନ କରିଥିଲେ। ଜନସଂଖ୍ୟା ଦୃଷ୍ଟିରୁ ମ୍ୟୁନିସିପାଲିଟି ଘୋଷଣା ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି କାଳକ୍ଷଣ୍ଡପୁର ପଞ୍ଚାୟତ ଅଧିନ ପୁଡୁଗେଶ୍ୱର ପଲ୍ଲୀ-୧ , ମୁକୁନ୍ଦପୁର-୨, ଚିନିଶିଳ୍ପ ନୂଆଗାଁ-୨ ଟି ସର୍ବମୋଟ ୫ଟି ୱାର୍ଡକୁ ନେଇ ଏହି ମ୍ୟୁନିସିପାଲିଟି ଘୋଷଣା କରାଯାଇଛି। ନୂତନ ଭାବେ ୫ଟି ୱାର୍ଡ ବର୍ତ୍ତମାନ ସୁଧା ରାଜ୍ୟ ସହରାଞ୍ଚଳ ବିଭାଗ ସ୍ୱାୟତ ଶାସନ ଆଇନ ଅନୁଜାଇ ନୂତନ ୱାର୍ଡ ନାମ ଘୋଷଣା କରି ନଥିବା ସତ୍ତ୍ୱେ ବିଧାୟକ ସରୋଜ ପାଢୀଙ୍କ ନାମରେ ଏହି କଇଁଫୁଲିଆ ଛକ ନାମିତ ହେବା ସମସ୍ତଙ୍କୁ ବିସ୍ମିତ ଚକିତ କରିଛି। ଏହି ସମ୍ପର୍କରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ପଚାରି ବୁଝିବା ପରେ ଆମ ମ୍ୟୁନିସିପାଲିଟି ପକ୍ଷରୁ ଏହି ନାମକରଣ ପାଇଁ କୌଣସି ପଦକ୍ଷେପ ନେଇ ନାହିଁ । କାଳକ୍ଷଣ୍ଡପୁର ପଞ୍ଚାୟତ ପକ୍ଷରୁ ୨୦୨୬ ଜାନୁଆରୀ ମାସରେ ଏକ ରେଜୁଲେସନ ନିର୍ଦ୍ଧାରଣ କରି ବିଧାୟକ ସରୋଜ ପାଢୀ କଇଁ ଫୁଲିଆ ଛକ ସକାଶେ ଭବକ୍ଷଙ୍କ ଉଉୟନ ମୂଳକ କାର୍ଯ୍ୟ କରିଛନ୍ତି ତେଣୁ ଏହି ଛକ ବାସିନ୍ଦା ଓ ୱାର୍ଡ ମେମ୍ବର ଙ୍କ ସହମତିରେ ଏହି ଛକର ନାମ ପରିବର୍ତ୍ତନ କରି କଇଁଫୁଲିଆ ଛକକୁ ବିଧାୟକ ସରୋଜ ପାଢୀଙ୍କ ନାମରେ କରିବା ପାଇଁ ଘୋଷଣା କରିଥିଲେ। ସେହି ଆଧାରରେ ଏହା କରାଯାଇଛି। ସ୍ଥାନୀୟ ସରପ□ ପ୍ରତିନିଧି ମଧ୍ୟ ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି। କିନ୍ତୁ ଏହି ଫଳକ ଲଗାଯିବା ପରେ ଅଞ୍ଚଳ ବାସୀ ଓ ସ୍ଥାନୀୟ ୱାର୍ଡ ମେମ୍ବର ଏହାକୁ ବିରୋଧ କରିବା ସହିତ ବିଧାୟକ ଆମ ଛକର କୌଣସି ଉନ୍ନତି କରିନାହାନ୍ତି କି ଆମର ଏହି ଛକ ର ନାମ ପରିବର୍ତନ କରିବା କଥା ଆମେ ଯାଣିନାହୁଁ ବୋଲି କହିଥିବା ବିଜେଡି ପକ୍ଷରୁ କୁହାଯାଇଛି ।ଏହି କାଳକ୍ଷଣ୍ଡପୁର ପଞ୍ଚାୟତ ଓ ମ୍ୟୁନିସିପାଲିଟି ଆସିକା ପକ୍ଷରୁ ଏକପାଖିଆ ଏହି ନିତିକୁ ଦଳମତ ନିର୍ବିଶେଷରେ ବୁଦ୍ଧିଯିବିମାନେ ଦୃଢ ପ୍ରତିବାଦ ସହ ବିଧାୟକଙ୍କ ଏହି ବିଚିତ୍ର ନିତିକୁ ଘୃଣା କରିବା ସହିତ ଆସିକା ବିଜେଡି ପକ୍ଷରୁ ଏକ ଲିଖିତ ଅଭିଯୋଗ କରିବା ସହିତ ଯଦି ଏହି ଛକର ନାମ ପୂର୍ବ କଇଁଫୁଲିଆ ଛକ ନକରାଯାଏ ତେବେ ଜନ ଆନ୍ଦୋଳନ ହେବବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଆର୍ସି ସାମନ୍ତରାୟ ମହାବିଦ୍ୟାଳୟର ସଫଳତା; କୃତି ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ଗଣିଆ(ମହାଭାରତ): ଗଣିଆ ସ୍ଥିତ ଆର୍ସି ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଏହି ମହାବିଦ୍ୟାଳୟ ସମସ୍ତଙ୍କୁ ପଛରେ ପକାଇ ଗଣିଆ ବ୍ଲକରେ ଉଭୟ କଳା ଏବଂ ବିଜ୍ଞାନ ବିଭାଗରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛି। କଳା ବିଭାଗରେ ସୁଜାତା ବେହେରା ୫୪୪ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ, ବିଜ୍ଞାନରେ ବିଷ୍ଣୁପ୍ରିୟା ବେହେରା ୫୨୫ ନମ୍ବର ରଖି ବ୍ଲକ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଏହାସହିତ ବିଜ୍ଞାନ ବିଭାଗର ୩ ଜଣ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ମହାବିଦ୍ୟାଳୟର ସମ୍ପାଦକ ଏଲତାତ କାଲଣ୍ଡସେଥ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ପରିଚାଳନା କମିଟିର ସଦସ୍ୟ କବିଚନ୍ଦ୍ର ସାମନ୍ତରାୟ, ଓଡ଼ିଆ ଅଧ୍ୟାପକ ଜିତେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବିଜେଡିର ନାରୀ ଅଧିକାର ଅଭିଯାନ

ଏରସମା(ମହାଭାରତ) : ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତାଦଳର ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବିଜେଡ଼ିର ସମବେତ ମହିଳା ମାନେ ଏକ ଶୋଭାଯାତ୍ରାରେ ବାହାରି ଏରସମା ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଏରସମା ତହସିଲ କାର୍ଯ୍ୟାଳୟ ପଡ଼ିଆରେ ଆୟୋଜିତ ସମାବେଶରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ମହିଳା ମାନଙ୍କୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି,ଆପଣ ମାନଙ୍କର ହକ୍ ପାଇଁ ଆଜିର ଏ ଲଢେଇ। ବିଜୁବାବୁ ଓ ନବୀନବାବୁ ନାରୀ ମାନଙ୍କୁ ଯେଉଁ ଅଧିକାର ଓ କ୍ଷମତା ଦେଇଥିଲେ,ବର୍ତ୍ତମାନର ବିଜେପି ସରକାର ସେ' ଅଧିକାର ଓ କ୍ଷମତାକୁ କ୍ଷୁର୍ଣ୍ଣ କରୁଛି। ମହିଳା ସଂରକ୍ଷଣ ବିଲ୍ ବିଗତ ଦିନରେ ପାସ୍ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରି ନକରି,ମହିଳା ମାନଙ୍କୁ ଭୁଆଁ ବୁଲେଇ ଚାଲିଥିବା ବିଜେପି ସରକାରକୁ ଆଗାମୀ ଦିନରେ ଫୋପାଡି ଦେବାପାଇଁ ଉପସ୍ଥିତ ମହିଳା ମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମହିଳା ବିଜୁଜନତା ଦଳ ସଭାନେତ୍ରୀ ଲୋରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ,ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର,ବାଲିକୁଦା ବ୍ଲକ୍ ବିଜୁଜନତା ଦଳ ମହିଳା ସଭାନେତ୍ରୀ ଜୟଶ୍ରୀ ଦର୍ପଦଳନୀ ମଲ୍ଲିକ,ଏରସମା ବ୍ଲକ୍ ସଭାନେତ୍ରୀ ପୁଷ୍ପାଞ୍ଜଳି ବେଉରା,ଜିଲ୍ଲା ପରିଷଦ ସଭ୍ୟା ରାଣୀ ଟୁଡୁ,ରୁନି ଲତା ବେହେରା,ଡଲି ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ।

## ବଜାରରେ ମିଳୁଛି ଅସ୍ୱାସ୍ଥ୍ୟକର ଲେବେଲ ବିହୀନ ବାଟି ସୋଡା

ଆସିକା(ମହାଭାରତ) : ଆସିକା ବଜାରରେ ମିଳୁଛି ଅସ୍ୱାସ୍ଥ୍ୟକର ଲେବେଲ ବିହୀନ ବାଟି ସୋଡା।ଏହି ବଟି ସୋଡ଼ାକୁ ଖରାଦିନ ଆସିଲେ ଶୋଷ ମେଣ୍ଟାଇବା ପାଇଁ ଜନସାଧାରଣ ଖୋଜନ୍ତି ।ଏହାର ସୁଯୋଗ ନେଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବିନା ସ୍ୱଚ୍ଛତା, ବିନା ସରକାରୀ ସ୍ୱୀକୃତିରେ ଚାଲିଛି ବାଟି ସୋଡ଼ାର ପ୍ରସ୍ତୁତି ।ଏଥି ପ୍ରତି କାହାର ମଧ୍ୟ ନିଘା ନାହିଁ। ବାଟି ସୋଡାର ମଜା ନିଆରା ହୋଇଥିବାରୁ ଏହା ପିଲା ଠାରୁ ବୁଢା ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଯାଇଛି। ଏହାକୁ ଆଖି ଆଗରେ ରଖି ଆସିକାର ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସ ବିନା ସୁରକ୍ଷାରେ ବାଟି ସୋଡ଼ା ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି କରାଯାଉଛି । ସହର ଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ପାନ ଦୋକାନ ମାନଙ୍କରେ ବାଟି ସୋଡ଼ା ବିକ୍ରି ହେଉଛି । ଏକ ବୋତଲରେ ବିଭିଭ କେମିକାଲ ପାଣି ମଧ୍ୟରେ ବାଟି ରଖାଯାଇ ତାହାକୁ ଗ୍ୟାସ୍ ମାଧ୍ୟମରେ ବନ୍ଦ କରି ରଖାଯାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ଅଟେ। ପୂର୍ବରୁ କାଚ ବୋତଲର ବାଟି ସୋଡା ଆସୁଥିବା ବେଳେ ଏବେ ପ୍ଲାଷ୍ଟିକ୍ ବୋତଲର ବାଟି ସୋଡା ବେପାର ଜମୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଲେମ୍ବୁରେ ତିଆରି ସୋଡ଼ା ମିଳୁଥିଲା। ଏବେ ବିଭିଉ ପ୍ରକାରର ଫ୍ଲେବରର ସୋଡା ବଜାରରେ ମିଳୁଛି । ତେବେ ମନ ଇଚ୍ଛା ପ୍ରସ୍ତୁତ ହେଉଛି ବାଟି ସୋଡ଼ା । କାଚ ଓ ପ୍ଲାଷ୍ଟିକ ବୋତଲ ବାଟି ସୋଡ଼ାରେ କୌଣସି ପ୍ରକାର ଲେବଲ୍ ଦେଖିବାକୁ ମିଳୁନାହିଁୟ ପ୍ରସ୍ତୁତି ସୋଡ଼ାର ତାରିଖ ଓ ବ୍ୟବହାର ଉପଯୋଗୀ ସମୟ ସୀମା ମଧ୍ୟ ନାହିଁ । ବୋତଲ କେଉଁ ଠାରୁ ତିଆରି ହେଉଛି, ତାହା କେବେ ପ୍ୟାକିଂ ହେଲା ଏବଂ ତାହା କେତେ ଦିନ ମଧ୍ୟରେ ପିଇବା ଆବଶ୍ୟକ ସେନେଇ କୌଣସି ବିଷୟ ଉଲ୍ଲେଖ କରାଯାଉନି । ଅନେକ ସମୟରେ ଏହି ବାଟି ସୋଡା ବୋତଲ ଭିତରେ କିଟ ପତଙ୍ଗ ଆଦି ଭାସୁଥିବାର ଅଭିଯୋଗ ମଧ୍ୟ ରହିଛି । ଯହାଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ କେତେ ହିତକର ତାକୁ ନେଇ ସଭିଙ୍କ ମନରେ ପ୍ରଶ୍ନ ଉଠିଛି ।ଏଥି ପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଯାଞ୍ଚ ହେଉନଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭରତ): ଆଜି ଉପାନ୍ତ ଜିଲ୍ଲା ଗଜପତିର ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ପୌର ପରିଷଦର ସଭାଗୃହରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଶତାଧିକ ସ୍ୱେଚ୍ଛାସେବୀ ଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ସଚେତନ କରିବା ସହ କିପରି ପରିବେଶ ସୁରକ୍ଷା କରି ଏକ ସୁସ୍ଥ ସମାଜ ଗଢ଼ାଯାଇପାରିବ ସେ ବିଷୟରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ବର୍ଜ୍ୟବସ୍ତୁକୁ କିପରି ବ୍ୟବହାର ଯୋଗ୍ୟ କରି ରୋଜଗାରର ପନ୍ଥା ସୃଷ୍ଟି କରାଯାଇପାରିବ ସେ ସମ୍ବନ୍ଧରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ସେହିପରି ଜଗନ୍ନାଥ ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ ରଥଯାତ୍ରା ସମୟରେ ପ୍ଲାଷ୍ଟିକ ବ୍ୟବହାର ଉପରେ ଯଥାସମ୍ଭବ ରୋକ ଲଗାଇବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ସାନିଟେସନ ଇନ୍ସପେକ୍ଟର ଧନେଶ୍ୱର ରାଓ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ରାମଚନ୍ଦ୍ର ପାଢ଼ୀ, ପ୍ରଗତି ମହିଳା ସଙ୍ଗଠନର ସଭାପତି ଲୋକନାଥ ମିଶ୍ର, ସମ୍ପାଦିକା ତନୁଜା ଶତପଥୀ, ଏ.ବି.ୱାଇ.ଏସ.ଏସ. ର ମୁଖ୍ୟ କୁମାର ରେଡ୍ଡୀ, ସମାଜ ସେବୀ ସଞ୍ଜୟ ରାଉତ, ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ, ସାମ୍ବାଦିକ ସୁଜିତ ପ୍ରଧାନ, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଗୌରହରି କରସୁଧା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଜନସାଧାରଣଙ୍କୁ ପରିମଳ ତଥା ସ୍ୱଚ୍ଛତା ଉପରେ ସଚେତନ କରାଇଥିଲେ। ସର୍ବଶେଷରେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ଼। ସମସ୍ତ ୱାର୍ଡରେ ସ୍ୱଚ୍ଛ ସାଥୀ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ କର୍ମଚାରୀଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଛି।

## ବିଜେଡି ଛାଡି ବିଜେପିରେ ଯୋଗ ଦେଲେ ରଣପୁର ବ୍ଲକ୍ ଉପାଧ୍ୟକ୍ଷ ଏବଂ ଏନ୍‌ଏସି ଅଧ୍ୟକ୍ଷା ଙ୍କ ପ୍ରତିନିଧି



ରଣପୁର,(ମହାଭାରତ) : ନୟାଗଡ଼ ପରେ ଏବେ ରଣପୁର ଉପରେ ବିଜେପିର ଆଖି। ଏନେଇ ରଣପୁର ନିର୍ବାଚନ ମଣ୍ଡଳୀରେ ବଡ଼ ହଲଚଲ ଦେଖିବା ପାଇଁ ମିଳିଛି। ନୟାଗଡ଼ ଜିଲ୍ଲାରେ ବିଜେପି ଶକ୍ତିଶାଳୀ ହେଉଥିବା ବେଳେ ବିଜେଡି ଭୁଶୁଡ଼ିବାରେ ଲାଗିଛି। ବିଜେଡିର ନେତୃତ୍ୱ ଅଭାବ ପାଇଁ ନେତା କର୍ମୀ ଦଳ ଛାଡୁଥିବା କହିଛନ୍ତି। ଗତ କିଛି ଦିନ ତଳେ ନୟାଗଡ଼ ବିଧାୟକ ତଥା ବିଜେଡି ର ଟାଣୁଆ ନେତା ଅରୁଣ ଙ୍କ ଗଡରେ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ବିଜେଡି ରୁ ଇସ୍ତଫା ଦେଇ ବିଜେପି ରେ ମିଶିବା ବାକୁନେଇ ନୟାଗଡ଼ ରାଜନୀତି ବେସ ସରଗରମ ଥିବା ବେଳେ ଏବେ ରଣପୁର ରେ ମଧ୍ୟ ବିଜେଡି ରେ ସମାନ ସ୍ଥିତ ଦେଖିବାକୁ ମିଳିଛି। ରଣପୁରରେ ମାନ୍ୟବର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କ ଉପସ୍ଥିତିରେ ବିଜେଡି ଛାଡି ବିଜେପିରେ ମିଶିଛନ୍ତି ନେତା ଏବଂ କର୍ମୀ। ଏଥିପାଇଁ ରଣପୁର ବିଜେପି କାର୍ଯ୍ୟାଳୟ ମିଶ୍ରଣ ପୂର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗିନୀ ମହାନ୍ତି ଙ୍କ ସ୍ୱାମୀ ସ୍ୱରାଜ ମହାନ୍ତି ଏବଂ ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା ବିଜେଡି ଛାଡ଼ି ବିଜେପି ରେ ଯୋଗ ଦେଇଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ବିଜେଡି ନେତା ଙ୍କ ଦଳ ଡିଆଁ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଏବେ ଚର୍ଚ୍ଚା ଜୋର ଧରିଛ। ରଣପୁରରେ ବିଜେଡିର ଆଗଧାଡ଼ିର ନେତା ଏବଂ କର୍ମୀ ମାନେ ବିଜେଡି ଛାଡ଼ି ବିଜେପି ରେ ଯୋଗ ଦେବା ନେଇ ରାଜନୀତି ସରଗରମ ହୋଇଛି। ସେପଟେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ଉଭୟ ନେତା କହିଛନ୍ତି। ରଣପୁରରେ ବିଜେଡିର ନେତୃତ୍ୱ ଅଭାବ ପାଇଁ ୨୦୦ ରୁ ଉର୍ଦ୍ଧ୍ୱ କର୍ମୀ ଙ୍କୁ ନେଇ ସେମାନେ ଦଳ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ରଣପୁର ରେ ବିଜେଡ଼ି ରେ ଅସ୍ଥିରତା ନେତା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରତିଫଳନ ହୋଇଛି। ବହୁ କଳ୍ପନା ଜଳ୍ପନା ର ଅନ୍ତ ଘଟିଛି। ରଣପୁର ଏନ୍‌ଏସି ର ଅଧ୍ୟକ୍ଷା ଙ୍କ ସ୍ୱାମୀ ସ୍ୱରାଜ ମହାନ୍ତି ଓ ରଣପୁର ବ୍ଲକ୍ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା ବିଜେଡି ଛାଡି ରଣପୁର ବିଜେପି କାର୍ଯ୍ୟାଳୟ ଠାରେ ବିଧିବଧ ଭାବେ ବିଜେପି ଯୋଗ ଦେଇଛନ୍ତି। ରଙ୍ଗିନୀ ମହାନ୍ତି ଙ୍କ ସ୍ୱାମୀ ସ୍ୱରାଜ ମହାନ୍ତି ରଣପୁର ଏନ୍‌ଏସି ର ଜଣେ ଦୃଢ଼ ବିଜେଡି ସଂଗଠକ ହୋଇଥିବା ବେଳେ ପ୍ରଭାତ କୁମାର ଦଳବେହେରା ରଣପୁର ନିର୍ବାଚନ ମଣ୍ଡଳୀ ଗୋଡ଼ିପଡା ଜୋନ୍ ର ଜଣେ ଲୋକପ୍ରିୟ ନେତା। ପ୍ରଭାତ ଦଳବେହେରା ଙ୍କ ସହିତ ଡମସାହି ଓ ଗୋଡ଼ିପଡ଼ା ର ବହୁ ୱାର୍ଡମେମ୍ବର, ସମବାୟ ସମିତି ର କାର୍ଯ୍ୟକର୍ତ୍ତା ଏବଂ ବିଜେଡିର ବହୁ ତୃଣମୂଳ ସ୍ତରର କର୍ମୀ ଓ ଏନ୍‌ଏସି ର ବହୁ ତୃଣମୂଳ ସ୍ତର ୩୦୦ ରୁ ଅଧିକ କର୍ମୀ ବିଜେପି ରେ ଯୋଗ ଦେଇଛନ୍ତି।

## ସୁନ୍ଦରଗଡ଼ରେ ଝାଡ଼ାବାନ୍ତି ଆତଙ୍କ, ୨୯ରୁ ଅଧିକ ଆକ୍ରାନ୍ତ

ସୁନ୍ଦରଗଡ଼: ସୁନ୍ଦରଗଡ଼ ହେମଗିରି ବ୍ଲକ ନୂଆଡିହିରେ ଝାଡ଼ାବାନ୍ତି ଆତଙ୍କ । ୨୯ରୁ ଅଧିକ ଆକ୍ରାନ୍ତ । ସେମାନଙ୍କୁ ବିଭିନ୍ନ ଡାକ୍ତରଖାନା ଓ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଗତ କିଛି ଦିନ ପୂର୍ବରୁ ଗାଁରେ ଏକ ଶୁଦ୍ଧି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୋଖରୀରେ ଶୌଚ କାର୍ଯ୍ୟ ଓ ଗାଧୁଆପାଧୁଆ ଯୋଗୁଁ ପାଣି ଦୂଷିତ ହୋଇ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି । ଏକ ଡାକ୍ତରୀ ଟିମ୍ ନୂଆଡିହି ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହାସହ ଲୋକମାନଙ୍କୁ ସଫାସୁତୁରା ରହିବା ସହ ସତର୍କତା ଅବଲମ୍ବନ କରିବାକୁ ସଚେତନା କରାଯାଇଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ।ସୂଚନାଯୋଗ୍ୟ, ଗତମାସ ମଧ୍ୟ ଯାଜପୁର ଜିଲ୍ଲା ଧର୍ମଶାଳାରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଥିଲା ।

## ପୁନର୍ମୂଲ୍ୟାଙ୍କନ ପ୍ରକ୍ରିୟାରେ ବୈଷୟିକ ତ୍ରୁଟି ଓ ଦେୟ ସମସ୍ୟା ନେଇ ସିବିଏସ୍ଇଠାରୁ ରିପୋର୍ଟ ମାଗିଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିବିଏସ୍ଇକୁ ପୁନର୍ମୂଲ୍ୟାୟନ ପ୍ରକ୍ରିୟା ସମୟରେ ବୈଷୟିକ ଓ ଦେୟ ସମ୍ବନ୍ଧୀୟ ସମସ୍ୟା ବିଷୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଉତ୍ଥାପିତ ଅଭିଯୋଗକୁ ଗମ୍ଭୀରତାର ସହ ବିଚାର କରି ଶିକ୍ଷାମନ୍ତ୍ରୀ ଡାଉନଟାଇମ୍, ପେମେଣ୍ଟ ଗେଟୱେ ତ୍ରୁଟି ଓ ପରିଚାଳନାଗତ ତ୍ରୁଟି ଉପରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି।





ଏହା ପୂର୍ବରୁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍ଇ) ଏକ ବିବୃତିରେ କହିଛି ଯେ ଚଳିତ ବର୍ଷ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍ଏମ୍) ସିଷ୍ଟମ୍ ଅଧୀନରେ ୯୮.୬ ଲକ୍ଷରୁ ଅଧିକ ଉତ୍ତର ଖାତା ମୂଲ୍ୟାୟନ କରାଯାଇଛି ଏବଂ ଛାତ୍ରମାନଙ୍କୁ ସେମାନଙ୍କର ଉତ୍ତର ପୁସ୍ତିକାର ସ୍କାନ୍ କପି ପାଇବାର ସୁଯୋଗ ଦିଆଯାଇଛି। ଏଥି ସହିତ ବୋର୍ଡ କିଛି ଛାତ୍ରଙ୍କଠାରୁ ସର୍ବାଧିକ ଚାହିଦା ସମୟରେ ପୋର୍ଟାଲରେ ପ୍ରବେଶ କରିବାରେ ଅସୁବିଧା, ଦେୟ ନିଶ୍ଚିତକରଣରେ ବିଳମ୍ବ ଆଦି ସମସ୍ୟା ନେଇ ଅଭିଯୋଗ ପାଇଥିଲା। ସିବିଏସ୍ଇ କହିଛି ଯେ ଏହା ସମସ୍ତ ପ୍ରସଙ୍ଗ ଉପରେ ନିରନ୍ତର ନଜର ରଖିଛି ଆବଶ୍ୟକ ପଦକ୍ଷେପ ନେଉଛି। ଅଭିଭାବକ ଓ ଛାତ୍ରମାନେ ଯଦି ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ବ୍ୟସ୍ତ ନ ହେବାକୁ ଅନୁରୋଧ କରାଯାଇଛି। ବୋର୍ଡ କହିଛି ଯେ, ପୋର୍ଟାଲରେ ଅତ୍ୟଧିକ ଟ୍ରାଫିକ୍ ହେତୁ ପିକ୍ ପିରିୟଡରେ କିଛି ଯାନ୍ତ୍ରିକ ବ୍ୟାଘାତ ଦେଖାଦେଇଛି। ସିବିଏସ୍ଇ ଆହୁରି କହିଛି ଯେ ଆବେଦନ କରିବାର ଶେଷ ତାରିଖ ମେ ୨୪ ପର୍ଯ୍ୟନ୍ତ ଗୋଟିଏ ଦିନ ବୃଦ୍ଧି କରାଯାଇଛି ଏବଂ ଶେଷ ସ୍କାନ୍ ହୋଇଥିବା କପି ପଠାଇବା ପରେ ପୁନର୍ମୂଲ୍ୟାଙ୍କନ ଅନୁରୋଧ ଗ୍ରହଣ ପାଇଁ ପୋର୍ଟାଲ୍ ଦୁଇ ଦିନ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସିବିଏସଇ ମଧ୍ୟ ଚଳିତ ବର୍ଷ ଶୁଳ୍କ ଢାଞ୍ଚାରେ ସଂଶୋଧନ କରିଛି। ଛାତ୍ରମାନେ ବର୍ତ୍ତମାନ ୭୦୦ ଟଙ୍କା ପରିବର୍ତ୍ତେ ୧୦୦ ଟଙ୍କା ଦେଇ ଉତ୍ତର ଖାତାର ସ୍କାନ କପି ପାଇପାରିବେ।

## ବାଂଲାଦେଶୀଙ୍କ ପାଇଁ ଗଠନ ହେବ ସ୍ୱତନ୍ତ୍ର ଜେଲ



କୋଲକାତା : ଡିଟେକ୍ଟ ,ଡିଟେନ୍ ଏବଂ ଡିଲିଟ୍। ଇଏ ହେଉଛି ଶୁଭେନ୍ଦୁ ସରକାରର ତିନି ମନ୍ତ୍ର। ଏମିତି ମନ୍ତ୍ର ଯାହା ଦ୍ୱାରା ବେଆଇନ୍ ବାଂଲାଦେଶୀଙ୍କୁ ବର୍ଡର ପାର ପଠାଯିବ। ଏହା ଅନୁସାରେ ପ୍ରଥମେ ଡିଟେକ୍ଟ ମାନେ ଚିହ୍ନଟ କରାଯିବ। କିଏ ଅସଲି କିଏ ନକଲି। ନକଲି ବୋଲି ଜଣା ପଡିବା ପରେ ଅଟକ ରଖାଯିବ,ମାନେ ଡିଟେନ୍। ଆଉ ଏହି ଦୁଇ ଷ୍ଟେପ୍ ପରେ ସିଧା ଡିଲିଟ୍। ଡିଲିଟ୍ ମାନେ ସେମାନଙ୍କୁ ସବୁ ସରକାରୀ ତାଲିକାରୁ ବାଦ ଦିଆଯିବ। ଆଉ ତାପରେ ହେବ ବାଂଲାଦେଶୀଙ୍କ ବିଦାଇ। ଆସୁ ଆସୁ ଆକ୍ସନ ମୋଡ୍‌ରେ ବଙ୍ଗଳାର ଶୁଭେନ୍ଦୁ ସରକାର। ଅନୁପ୍ରବେଶକାରୀଙ୍କ ଉପରେ ଜିରୋ ଟଲେରାନ୍ସ ନୀତି। ପ୍ରଥମେ ସୀମାରେ ତାରବାଡ ଲଗାଇବା ନିଷ୍ପତ୍ତି, ଆଉ ଏବେ ରୋହିଙ୍ଗ୍ୟା-ବାଂଲାଦେଶୀଙ୍କୁ ଗୋଟି ଗୋଟି କରି ବିଦା କରିବା ନେଇ ଆକ୍ସନ ପ୍ଲାନ୍। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ରାଜ୍ୟରେ ବେଆଇନ୍ ଭାବରେ ରହୁଥିବା ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କୁ ପଠାଇବାର ପ୍ରୋସେସ୍ ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର 'ହୋଲ୍ଡିଂ ସେଣ୍ଟର' ପ୍ରତିଷ୍ଠା କରାଯିବ। ଏହି କେନ୍ଦ୍ରଗୁଡ଼ିକୁ ବେଆଇନ ପ୍ରବାସୀ ଏବଂ ରାଜ୍ୟ ଜେଲରୁ ମୁକ୍ତ ହୋଇଥିବା ବିଦେଶୀ କଏଦୀଙ୍କୁ ରଖିବା ପାଇଁ ବ୍ୟବହାର କରାଯିବ। ଏହି ସେଣ୍ଟର ମଧ୍ୟ ଏକ ପ୍ରକାର ଜେଲ୍ ଭଳି ରହିବ। ଅନୁପ୍ରବେଶକାରୀଙ୍କୁ ସିଧା ଜେଲ୍ କିମ୍ବା କୋର୍ଟକୁ ନିଆନଯାଇ ଏଠାରେ ରଖାଯିବ। ଏଠାରେ ସନ୍ଦିଗ୍ଧଙ୍କୁ ୩୦ ଦିନ ପାଇଁ ରଖାଯିବ। ଏହା ଆସାମ ମଡେଲ ଭଳି କାମ କରିବ। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ପ୍ରବାସୀଙ୍କୁ ବିଏସ୍ଏଫଙ୍କୁ ହସ୍ତାନ୍ତର କରି ତାଙ୍କ ମୂଳ ଦେଶକୁ ପଠାଯିବ। ଏହାର ଅର୍ଥ ହେଉଛି ଯେ କୌଣସି ବ୍ୟକ୍ତିଙ୍କ ପାଖରେ ଯଦି ବୈଧ କାଗଜପତ୍ର ନାହିଁ, ତାଙ୍କୁ ତୁରନ୍ତ ଏହି ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯିବ। ଅନୁପ୍ରବେଶକାରୀଙ୍କୁ କୋର୍ଟରେ ହାଜର କରିବା ପରିବର୍ତ୍ତେ,ସେମାନଙ୍କୁ ସିଧାସଳଖ ବିଏସଏଫ ପୋଷ୍ଟକୁ ପଠାଯିବ। ଯାହାଫଳରେ ଦେଶାନ୍ତର ପକ୍ରିୟା ଆହୁରି ଦ୍ରୁତ ହୋଇପାରିବ। ଏ ସମ୍ପର୍କରେ କୋଲକାତା ପୋଲିସ କମିଶନର ଏବଂ ରେଲଓ୍ୱେ ପ୍ରୋଟେକ୍ସନ ଫୋର୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅର୍ଥ ହେଉଛି ତିନୋଟି ସ୍ଥାନ ଉପରେ କଡା ନଜର ରଖାଯିବ । ତାହା ହେଲା ଟ୍ରେନ୍, ଷ୍ଟେସନ ଏବଂ ସୀମାନ୍ତ ବେଲ୍ଟ। ଆସାମ ପରେ ଏବେ ପଶ୍ଚିମବଙ୍ଗ ସରକାର ମଧ୍ୟ ସମାନ ନୀତି ଗ୍ରହଣ କରିଛନ୍ତି। ସେଠାରେ ବେଆଇନ ବିଦେଶୀଙ୍କୁ ଚିହ୍ନଟ ପରେ 'ହୋଲ୍ଡିଂ ସେଣ୍ଟର'ରେ ରଖାଯାଇଥାଏ। ଏବେ ବଙ୍ଗଳାରେ ମଧ୍ୟ ଲାଗୁ ହେବ ସମାନ ସିଷ୍ଟମ। ଅବୈଧ ପ୍ରବାସୀଙ୍କ ପାଇଁ ଡିଟେକ୍ଟ, ଡିଲିଟ ଏବଂ ଡିପୋର୍ଟ' ନୀତି ଲାଗୁ କରାଯିବ। ଏହି ପ୍ରୋସେସ୍ କିଭଳି ପୁରା କରାଯିବ ତାହା ସେଣ୍ଟ୍ରାଲ ଗାଇଡଲାଇନ୍ସରେ କୁହାଯାଇଛି। ସେଣ୍ଟର ପୋଲିସକୁ ପ୍ରତି ରାଜ୍ୟରେ ସ୍ପେଶାଲ ଟାସ୍କ ଫୋର୍ସ ଗଠନ କରିବାକୁ କହିଥାଏ। ଯାହା ଦ୍ୱାରା ବେଆଇନ ପ୍ରବାସୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ଦେଶକୁ ପଠାଇବା ସମ୍ଭବ ହେବ। ହୋଲ୍ଡିଂ ସେଣ୍ଟରରେ ପ୍ରଥମେ ଅନୁପ୍ରବେଶକାରୀ ଭାବେ ଚିହ୍ନଟ ହୋଇଥିବା ଲୋକଙ୍କ ବାୟୋମେଟ୍ରିକ୍ ସୂଚନା ସଂଗ୍ରହ କରାଯିବ। ତା ପରେ ଏହାକୁ ସେଣ୍ଟ୍ରାଲ ପୋର୍ଟାଲରେ ଅପଲୋଡ୍ କରାଯିବ।

## ଛାତ୍ରୀଙ୍କୁ ଗଣ ବଳାତ୍କାର କଲେ ସାଙ୍ଗ

ଲକ୍ଷ୍ନୌ : ଲକ୍ଷ୍ନୌରେ ଏକ ଗଣବଳାତ୍କାର ମାମଲା ସାମ୍ନାକୁ ଆସିଛି । ଦିଲ୍ଲୀରେ ଟଟଝଉ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଯୁବତୀଙ୍କୁ ସାଙ୍ଗମାନେ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି । ଯୁବତୀ ଜଣକ ଜୌନପୁରରୁ ଦିଲ୍ଲୀ ଯାତ୍ରା କରୁଥିବା ସମୟରେ ଜଣେ ପରିଚିତ ଯୁବକ ତାଙ୍କୁ ଲକ୍ଷ୍ନୌର ଚାରବାଗ ଷ୍ଟେସନରେ ଟ୍ରେନରୁ ଓହ୍ଲାଇବାକୁ ପ୍ରବର୍ତ୍ତାଇଲେ। ପରେ, ପରିଚିତ ଯୁବକ ତାଙ୍କୁ ସୁଶାନ୍ତ ଗଲ୍ଫ ସିଟି ଅଞ୍ଚଳର ତାଙ୍କ କୋଠରୀକୁ ନେଇଗଲେ । ସେଠାରେ ସେ ତାଙ୍କୁ ଯୌନ ନିର୍ଯାତନା ଦେବା ପୂର୍ବରୁ ତାଙ୍କୁ କଫିରେ ନିଦ ବଟିକା ମିଶାଇ ବେହୋସ କରିଦେଲେ। ତିନିଜଣ ଯୁବକ ମିଶି ତାଙ୍କୁ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି ।

# ତେଲ ସଞ୍ଚୟ କରିବାକୁ କହିଲା ପିଏମ୍ଓ: ମନ୍ତ୍ରଣାଳୟଙ୍କୁ ମାଗିଲା ପ୍ରସ୍ତାବ



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର ଆମଦାନି ବିଲ୍‌କୁ ଅସହ୍ୟ ସ୍ତରରେ ପହଞ୍ଚାଇବା ପରେ କେନ୍ଦ୍ର ସରକାର ବେଶ୍ ଚିନ୍ତିତ ହୋଇପଡ଼ିଛନ୍ତି। କିଭଳି ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହାର ବାଟ ଦେଖାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ତରଫରୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କୁହାଯାଇଛି। ତେଲ ସଞ୍ଚୟ ସମ୍ପର୍କିତ ପ୍ରସ୍ତାବ ପଠାଇବାକୁ ସଡ଼କ ପରିବହନ ଓ ରାଜପଥ, ଶକ୍ତି, ଭାରି ଶିଳ୍ପ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ପିଏମ୍ଓ କହିଛି।ଯେଉଁ ସବୁ ଉପାୟରେ ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହା ଜଣାଇବାକୁ ଏହି ମନ୍ତ୍ରଣାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେତେ ଶୀଘ୍ର ଏହି କାମ ହେବ ତାହା ଦେଶ ପାଇଁ ସେତେ ଭଲ ହେବ ବୋଲି କୁହାଯାଇଛି। ଇଲେକ୍ଟ୍ରିକ ଯାନ (ଇଭି)ର ଗ୍ରହଣୀୟତା ବଢ଼ାଇବା ଓ ଫ୍ଲେକ୍ସ-ଫୁଏଲ୍ ଗାଡ଼ିଗୁଡ଼ିକର ଦାମ୍ କମ୍ କରିବା ପ୍ରସ୍ତାବ ଉପରେ ବିଚାର କରାଯାଉଛି।

ଫ୍ଲେକ୍ସ ଫୁଏଲ୍ ଗାଡ଼ିରେ ଏବେ ଆକାର ଅନୁଯାୟୀ ୧୮ରୁ ୪୦ ପ୍ରତିଶତ ଜିଏସ୍ଟି ଆଦାୟ କରାଯାଉଛି। ସେହି ହାରକୁ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବା ଉପରେ ବିଚାରବିମର୍ଶ ଚାଲିଛି। ଏହା ବ୍ୟତୀତ କମ୍ ଦାମ୍ ବିଶିଷ୍ଟ ତଥା ଅଧିକ ମାଇଲେଜ୍ ଦେଉଥିବା ଛୋଟ ଗାଡ଼ି କିଭଳି ଅଧିକ ବିକ୍ରି ହୋଇପାରିବ, ସେବିଷୟରେ ମଧ୍ୟ ଚିନ୍ତା କରାଯାଉଛି। ଏହି ପ୍ରସ୍ତାବଗୁଡ଼ିକ ବିଷୟରେ ଜିଏସ୍ଟି ପରିଷଦର ଆସନ୍ତ ବୈଠକରେ ଆଲୋଚନା କରାଯିବ। ସରକାର ଛୋଟ କାର୍, ହାଇବ୍ରିଡ୍ କାର୍, ଇଲେକ୍ଟ୍ରିକ୍‌କାର୍ ଓ ଫ୍ଲେକ୍ସ ଫୁଏଲ୍ ଇଞ୍ଜିନ ଥିବା କାର୍ ଆଦି ସବୁ ପ୍ରକାର ଅଧିକ ମାଇଲେଜ୍ ଓ କମ୍ ତେଲ ଖର୍ଚ୍ଚ ହେଉଥିବା ଗାଡ଼ିର ଗ୍ରହଣୀୟତା ବଢ଼ାଇବାକୁ ଚାହୁଁଛନ୍ତି। ଗାଡ଼ିରେ ତେଲ କମ୍ ଖର୍ଚ୍ଚ ହେଲେ ଆମଦାନି ମଧ୍ୟ କମ୍ ହୋଇପାରିବ ବୋଲି ସରକାର ଭାବୁଛନ୍ତି। ନିକଟରେ ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ କହିଥିଲେ ଯେ ମାରୁତି ସୁଜୁକି ଏକ ୧୦୦ ପ୍ରତିଶତ ଇଥାନଲ୍‌ରେ ଚାଲୁଥିବା ଗାଡ଼ିକୁ ଆସନ୍ତା ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ ଉନ୍ମୋଚନ କରିବ। ଭାରତରେ ଟୟୋଟା, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ସୁଜୁକି ଭଳି ୧୨ଟି କମ୍ପାନି ଫ୍ଲେକ୍ସ ଫୁଏଲ୍ ଗାଡ଼ି ଉନ୍ମୋଚନ କରିଥିବା ସେ ସୂଚନା ଦେଇଥିଲେ।

## ଅଂଶୁଘାତରେ ୧୬ ମୃତ

ତେଲଙ୍ଗାନା : ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆକାଶରୁ ନିଆଁ ଖସିଛି । ଏଭଳି ସ୍ଥଳେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି । ତେଲଙ୍ଗାନାରେ ମଧ୍ୟ ପ୍ରବଳ ଗରମ ଅନୁଭୂତ ହେଉଛି । ଭୀଷଣ ଲୁ ଏବଂ ଲଗାତାର ତାପମାତ୍ର ବଢୁଥିବାରୁ ରାଜ୍ୟର ୭ ଜିଲ୍ଲାରେ ଏବେ ଯାଏଁ ୧୬ ଜଣଙ୍କ ମୃତ୍ୟୁ ହେଲାଣି । ରାଜ୍ୟ ରାଜସ୍ୱ ମନ୍ତ୍ରୀ ପି.ଶ୍ରୀନିବାସ ରେଡ୍ଡୀ ଶନିବାର ଏହି ସୂଚନା ଦେଇଛନ୍ତି । ରାଜସ୍ୱ ମନ୍ତ୍ରୀ ପି.ଶ୍ରୀନିବାସ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ସୂଚନା ଦିଆଯାଇଛି । ଜାରି ହୋଇଥିବା ଅଫିସିଆଲ୍ ବୟାନରେ କୁହାଯାଇଛି, ସବୁଠାରୁ ଅଧିକ ମୃତ୍ୟୁ ଜୟଶଙ୍କର ଭୁପାଲପଲ୍ଲୀ ଜିଲ୍ଲାରେ ହୋଇଛି । ଏହାଛଡା ବାରଙ୍ଗଲ ଅର୍ବାନ, କରୀନଗର ଏବଂ ନିଜାମାବାଦ ଜିଲ୍ଲାରେ ମଧ୍ୟ ମୃତ୍ୟୁ ହୋଇଛି । ଆଉ ଏନେ ସରକାର ଅଂଶୁଘାତରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

## ମୃତ୍ୟୁର ୧୨ ଦିନ ପରେ ତ୍ୱିଷା ଶର୍ମାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ





ଭୋପାଳ: ଚଳିତ ମାସ ପ୍ରାରମ୍ଭରେ ଭୋପାଳସ୍ଥିତ ଶାଶୂଘରେ ମୃତ୍ୟୁବରଣ କରିଥିବା ପୂର୍ବତନ ଅଭିନେତ୍ରୀ ତ୍ୱିଷା ଶର୍ମାଙ୍କର ମୃତ୍ୟୁ ୧୨ ଦିନ ପାରେ ରବିବାର ଶବଦାହ କରାଯାଇଛି। ତ୍ୱିଷାଙ୍କ ପରିବାରର ଦାବି ଅନୁଯାୟୀ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀ ଏମ୍ସର ଡାକ୍ତରମାନଙ୍କ ଦ୍ୱାରା ଭୋପାଳ ଏମ୍ସରେ ଦ୍ୱିତୀୟ ଶବବ୍ୟବଚ୍ଛେଦ କରାଯିବା ପରେ ଶବଦାହ କରାଯାଇଥିଲା। ଭୋପାଳର ଭଦଭଦା ବିଶ୍ରାମ ଘାଟରେ ସନ୍ଧ୍ୟା ୫ଟା ପରେ ତ୍ୱିଷାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ରବିବାର ଅପରାହ୍ଣରେ ଏମ୍ସ ଭୋପାଳରେ ଦ୍ୱିତୀୟ ଶବ ବ୍ୟବଚ୍ଛେଦ ଶେଷ ହେବା ପରେ ତ୍ୱିଷାଙ୍କ ମର ଶରୀର ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଅନ୍ତିମ ସଂସ୍କାର ପୂର୍ବରୁ ତ୍ୱିଷାଙ୍କ ପିତା ଭୋପାଳ ବାସିନ୍ଦା, ସାମାଜିକ କର୍ମୀ, ମହିଳା ଓ ଯୁବକମାନଙ୍କୁ ଅନ୍ତିମ ସଂସ୍କାର ଶୋଭାଯାତ୍ରାରେ ଯୋଗଦେବାକୁ ଓ ପରିବାର ସହିତ ଛିଡା ହେବାକୁ ନିବେଦନ କରିଥିଲେ। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ମେ ୨୨ ତାରିଖରେ ନିର୍ଦ୍ଦେଶ ଦେବା ପରେ ଏମ୍ସ ଦିଲ୍ଲୀ ଦ୍ୱାରା ଗଠିତ ଚାରିଜଣିଆ ମେଡିକାଲ୍ ବୋର୍ଡ ଦ୍ୱାରା ଦ୍ୱିତୀୟ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଭୋପାଳରେ ହୋଇଥିବା ପ୍ରଥମ ଶବ ବ୍ୟବଚ୍ଛେଦ ସମୟରେ ଅନେକ ସନ୍ଦେହର ପର୍ଯ୍ୟାପ୍ତ ଯାଞ୍ଚ କରାଯାଇ ନାହିଁ ବୋଲି ଦର୍ଶାଇ ତ୍ୱିଷା ଶର୍ମାଙ୍କ ପରିବାର ପୁନର୍ବାର ପରୀକ୍ଷା ଦାବି କରିଥିଲେ। ଯୌତୁକ ନିର୍ଯାତନା ଅଭିଯୋଗରେ ପୁଲିସ ତ୍ୱିଷାଙ୍କ ସ୍ୱାମୀ ସମର୍ଥ ସିଂହ ଏବଂ ପୂର୍ବତନ ଜିଲ୍ଲା ଜଜ୍ ଗିରିବାଳା ସିଂହଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରିଛି। ୧୦ ଦିନ ଫେରାର ରହିବା ପରେ ସମର୍ଥ ସିଂହଙ୍କୁ ଶୁକ୍ରବାର ଜବଲପୁରରେ ଗିରଫ କରାଯାଇଥିଲା। ପରେ ଭୋପାଳ କୋର୍ଟ ତାଙ୍କୁ ସାତଦିନିଆ ପୁଲିସ ରିମାଣ୍ଡରେ ପଠାଇ ଦେଇଛନ୍ତି।

## ନମୋ ଘାଟରେ ପର୍ଯ୍ୟଟକଙ୍କୁ ପିଟିପିଟି ହତ୍ୟା କଲେ ବାଉନ୍ସର, ୪ ଆହତ

ନୂଆଦିଲ୍ଲୀ, ୨୪/୫ : ବାରଣାସୀର ନମୋ ଘାଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜନୈକ ପର୍ଯ୍ୟଟକଙ୍କୁ ସିକ୍ୟୁରିଟି ଗାର୍ଡ୍ସ ଏବଂ ବାଉନ୍ସର ମିଶି ହକି, ରଡ୍ ଏବଂ ଠେଙ୍ଗାରେ ଏତେ ଜୋରରେ ପିଟିଲେ ଯେ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ରାଜେଶ ଏବଂ ତାଙ୍କ ସାଥୀ ସୋନଭଦ୍ରରୁ ବାରଣାସୀ ବୁଲିବାକୁ ଆସିଥିଲେ । ସକାଳ ସମୟରେ ପ୍ରଥମେ ନମୋ ଘାଟରେ ପହଞ୍ଚିଥିଲେ ଏବଂ ନମୋ ଘାଟରେ ପ୍ରବେଶକୁ ନେଇ ପର୍ଯ୍ୟଟକ ଏବଂ ସିକ୍ୟୁରିଟି ଗାର୍ଡ୍ସଙ୍କ ମଧ୍ୟରେ ବଚସା ହୋଇଥିଲା । ଏହାପରେ ସିକ୍ୟୁରିଟି ଗାର୍ଡ୍ସ ଏବଂ ବାଉନ୍ସର ମିଶି ହକି, ରଡ୍ ଏବଂ ଠେଙ୍ଗାରେ ସମସ୍ତ ୫ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରି ଦେଇଥିଲେ । ଯେଉଁଥିରେ ଜନୈକ ପର୍ଯ୍ୟଟକ ରାଜେଶ ଓରଫ ଚନ୍ଦୁ ଜୟସୱାଲଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଯାହାକି ଅନ୍ୟମାନେ ଆହତ ହୋଇଥିଲେ । ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ନେଇଛି । ବାରଣାସୀରେ ଲଗାତର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏହାସହ ତାଙ୍କ ସହ ଦୁର୍ବ୍ୟବହାର ଏବଂ ମାର୍ ପିଟର ଘଟଣା ବି ଅଭିଯୋଗ ହୋଇଛି । କିନ୍ତୁ ଆଜି ବହୁତ ହୋଇଯାଇଥିଲା ଯେତେବେଳେ ନମୋ ଘାଟରେ ଜଣେ ପର୍ଯ୍ୟଟକଙ୍କୁ ସିକ୍ୟୁରିଟି ଗାର୍ଡ୍ସ ଏବଂ ବାଉନ୍ସର ରଡ଼, ହକି ଏବଂ ଠେଙ୍ଗାରେ ଏତେ ଜୋରରେ ମାରିଥିଲେ କି ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି । ଯାହାକି ମୃତକଙ୍କ ୪ସାଥୀ ବି ଆହତ ହୋଇଛନ୍ତି । ପ୍ରକାଶ ଯେ, ସୋନଭଦ୍ରର ରାୟପୁର ଥାନା ଅଞ୍ଚଳର ପ୍ରଥମ ଗାଁରେ ରହୁଥିବା ରାଜେଶ ଓରଫ ଚନ୍ଦୁ ଜୟସୱାଲ ନିଜ ୪ସାଥୀଙ୍କ ସହ ସକାଳେ ନମୋ ଘାଟରେ ବୁଲିବାକୁ ପହଞ୍ଚିଥିଲେ । ନମୋ ଘାଟର ଗେଟ୍ ନମ୍ବର ୨ରେ ପ୍ରାଇଭେଟ ସିକ୍ୟୁରିଟି ଗାର୍ଡ୍ସ ଏବଂ ୫ପର୍ଯ୍ୟଟକ ମଧ୍ୟରେ ପ୍ରବେଶକୁ ନେଇ ବଚସା ହୋଇଥିଲା । କିଛି ସମୟ ପରେ ରଡ଼, ହକି ଏବଂ ଠେଙ୍ଗାରେ ଏକ ଡର୍ଜନରୁ ଅଧିକ ବାଉନ୍ସର ଏବଂ ସିକ୍ୟୁରିଟି ଗାର୍ଡ୍ସ ୫ସୋନଭଦ୍ରର ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରିଦେଇଥିଲେ । ଆହତ ୪ପର୍ଯ୍ୟଟକ କୈଣସି ଭାବେ ଜୀବନ ବଞ୍ଚାଇ ଦୌଡ଼ିବାକୁ ଲାଗିଥିଲେ । କିନ୍ତୁ ରାଜେଶ ଚନ୍ଦୁ ଜୟସୱାଲଙ୍କ ସେଠାରେ ମୃତ୍ୟୁ ହୋଇଛି । ସିକ୍ୟୁରିଟି ଗାର୍ଡ୍ସ ଏବଂ ବାଉନ୍ସର ତାଙ୍କୁ ସେତେବେଳ ଯାଏ ମାରିଥିଲେ ଯେତେବେଳ ଯାଏ ତାଙ୍କର ମୃତ୍ୟୁ ହୋଇନଥିଲା । କିଛି ସମୟ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ରାଜେଶ ଓରଫ ଚନ୍ଦୁଙ୍କୁ ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ନଦୀରେ ଶାମୁକା ଯୋଗାଡ଼ ବେଳେ ଭାସି ପରିବାରର ୮ ମୃତ

କର୍ଣ୍ଣାଟକ : ଉତ୍ତର କନ୍ନଡ ଜିଲ୍ଲାର ଅଙ୍ଗେ ହକ୍କଲୁ ନଦୀରେ ଅଘଟଣ । ନଦୀର ପ୍ରଖର ସ୍ରୋତରେ ଭାସିଗଲେ ପରିବାରର ୮ ସଦସ୍ୟ । ଏମାନଙ୍କ ଭିତରେ ୭ ଜଣ ମହିଳା ଥିବା ଜଣାପଡିଛି । ସ୍ଥାନୀୟ ଲୋକ ଉଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି । ତେବେ ଏମାନେ ନଦୀରେ ଶାମୁକା ଖୋଜି ଏକାଠି କରୁଥିବା ବେଳେ ଏଭଳି ଅଘଟଣ ଘଟିଛି । ଖବର ମୁତାବକ, ଶିରାଲୀ ଗାଁର ପ୍ରାୟ ୧୪ ଜଣ ଲୋକ ନଦୀରେ ଶାମୁକା ଏକାଠି କରୁଥିଲେ । ହଠାତ୍ ନଦୀରେ ସୁଅ ବଢିଯାଇଥିଲା । ଆଉ ଏମାନେ ପାଣିର ସ୍ତର ଆକଳନ ନ କରିପାରି ଭାସିଯାଇଥିଲେ । ଏହାପରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ କିଛି ସ୍ଥାନୀୟ ବ୍ୟକ୍ତି ନଦୀକୁ ଡେଇଁଥିଲେ । ନଦୀରୁ ୮ ଜଣଙ୍କ ମୃତଦେହ ଜବତ କରାଯାଇଥିବା ବେଳେ ୨ ଜଣ ନିଖୋଜ ରହିଛନ୍ତି । ଘଟଣା ପରେ ପୋଲିସ ଏବଂ ଉଦ୍ଧାରକାରୀ ଦଳ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଛି ।

## ରେଲୱେ ଟ୍ରାକରେ ବିସ୍ଫୋରଣ, ୨୩ ମୃତ

ପାକିସ୍ତାନ : ପାକିସ୍ତାନର କ୍ୱେଟା ସହରର ରେଲଓ୍ୱେ ଟ୍ରାକ ନିକଟରେ ବଡ଼ ବିସ୍ଫୋରଣ । ବିସ୍ଫୋରଣରେ ୨୩ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ସରକାରୀ ହସପିଟାଲରେ ଇମରଜେନ୍ସୀ ଘୋଷଣା କରାଯାଇଛି । ବିସ୍ଫୋରଣ ଯୋଗୁଁ ଏକ ଟ୍ରେନ ଟାକରୁ ଖସିପଡିଥିଲା । ସୂଚନା ମୁତାବକ, କ୍ୱେଟାର କେଣ୍ଟରୁ ଆସୁଥିବା ସଟଲ ଟ୍ରେନକୁ ଚମନ ଫାଟକ ନିକଟରେ ଟାର୍ଗେଟ କରାଯାଇଥିଲା । ଚମନ ଫାଟକ ନିକଟରେ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ଧକ୍କା ଦେଇଥିଲା ଟ୍ରେନ । ବିସ୍ଫୋରଣରେ ଇଂଜିନ ସମେତ ଟ୍ରେନର ୩ଟି ବଗି ଲାଇନଚ୍ୟୁତ ହୋଇଥିଲା । ୨ଟି ବଗି ସଂପୂର୍ଣ୍ଣ ଭାବେ ଓଲଟି ପଡିଥିଲା । ପାର୍କିଂରେ ଥିବା ୧୦ଟି ଗାଡ଼ି ମଧ୍ୟ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଆଖପାଖ ବିଲ୍ଡିଂର କାଚ ଏବଂ ଝରକା ଭାଙ୍ଗି ଯାଇଥିଲା । ସଂପୂର୍ଣ୍ଣ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ରେସକ୍ୟୁ ଅପରେସନ ଜାରି ରହିଛି । ଘଟଣା ପରେ ପେଶାଓ୍ୱରରୁ ଆସୁଥିବା ଜାଫର ଏକ୍ସପ୍ରେସକୁ କ୍ୱେଟା ରେଲଓ୍ୱେ ଷ୍ଟେସନରେ ରୋକି ଦିଆଯାଇଛି ।

# ଛତିଶଗଡ଼ରେ ବ୍ୟାଙ୍କରୁ ପେନ୍‌ସନ୍ ଆଣିବାକୁ ୯୦ ବର୍ଷର ଶାଶୂଙ୍କୁ ୯ କିମି ପିଠିରେ ବୋହିଲେ ବୋହୂ



ରାୟପୁର: ଦେଶର ଗ୍ରାମାଞ୍ଚଳରେ ଏବେବି ଅନେକ ସ୍ଥାନରେ ବ୍ୟାଙ୍କ ସେବା ଅପହଞ୍ଚ ଥିବାବେଳେ ଲୋକମାନଙ୍କୁ ପେନ୍‌ସନ୍ ଓ ଭତ୍ତା ପାଇଁ ଦୀର୍ଘ ବାଟ ଚାଲିବାକୁ ପଡୁଛି। ବୃଦ୍ଧ/ବୃଦ୍ଧା ଓ ସେମାନଙ୍କ ପରିବାର ପାଇଁ ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହେଉଛି। ଛତିଶଗଡ଼ର ଏକ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସଂଘର୍ଷର ଏହି ଝଲକ୍ ଦେଶର ଗ୍ରାମୀଣ ଅଞ୍ଚଳର ବାସ୍ତବ ସ୍ଥିତିକୁ ଦର୍ଶାଇଛି। କିପରି ଜଣେ ମହିଳା ପ୍ରଚଣ୍ଡ ଖରାରେ ଦୁର୍ଗମ ଜଙ୍ଗଲ, ପାହାଡ଼ ଓ ଝରଣାକୁ ନମାନି ନିଜର ୯୦ ବର୍ଷ ଶାଶୂଙ୍କୁ ୯ କିମି ରାସ୍ତା କାନ୍ଧରେ ବୋହିକି ଆଣିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୁରଗୁଜା ଜିଲ୍ଲାର ମୈନପାଟ ଅଞ୍ଚଳର ଏହି ଭିଡିଓଟି ଅନଲାଇନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ଓ ଗ୍ରାମୀଣ ଭାରତରେ ଜନକଲ୍ୟାଣ ଯୋଜନାର କାର୍ଯ୍ୟାନ୍ୱୟନର ବାସ୍ତବତା ଉପରେ ପ୍ରଶ୍ନବାଚୀ ଉଠାଇଛି। ସ୍ଥାନୀୟ ତଥ୍ୟ ଅନୁଯାୟୀ, ବୃଦ୍ଧା ଶାଶୂଙ୍କ ପେନସନ ଟଙ୍କା ବ୍ୟାଙ୍କରୁ ଉଠାଇବା ପାଇଁ ସୁଖମାନିଆ ବାଇ ନାମକ ଏହି ମହିଳା ପ୍ରାୟ ୯ କିଲୋମିଟର ଦୂରତା ଚାଲି ଚାଲି ଯାଇଥିଲେ। ଗ୍ରାମବାସୀମାନେ କହିଛନ୍ତି ଯେ, ଜଙ୍ଗଲ ଅଞ୍ଚଳରେ ଖରାପ ପରିବହନ ସଂଯୋଗ ଯୋଗୁଁ ଗ୍ରାମବାସୀମାନଙ୍କ ପାଇଁ ମୌଳିକ ସେବା ପାଇବା କଷ୍ଟକର ହୋଇପଡୁଛି। ପ୍ରଥମ ଥର ସୁଖମାନିଆ ବାଇ ଟଙ୍କା ଉଠାଇବାକୁ ଏପରି ଚାଲି ଚାଲି ଶାଶୂଙ୍କୁ ପିଠିରେ ବୋହିକି ନେଇ ଯାଇଥିଲେ ତାହା ନୁହେଁ, ଏଥର କିନ୍ତୁ ଭିଡିଓରେ ସୁଖମାନିଆଙ୍କ ବାଇଙ୍କ କଥାବାର୍ତ୍ତା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସୁଖମାନିଆ ବାଇ କହିଛନ୍ତି ଯେ, ଗାଁକୁ କୌଣସି ପରିବହନ ସୁବିଧା ନାହିଁ। ଗାଁରୁ ବାହାରକୁ ଯିବାକୁ ହେଲେ ଝରଣା ଓ ଜଙ୍ଗଲର ଆବଡ଼ଖାବଡ଼ା ରାସ୍ତା ପାର ହେବାକୁ ପଡ଼ିଥାଏ ବୋଲି ସୁଖମାନିଆ ଦେବୀ କହିଛନ୍ତି। ସେ କହିଛନ୍ତି, ପୂର୍ବରୁ ପେନସନ ଟଙ୍କା ସ୍ଥାନୀୟ ଭାବରେ ଦିଆଯାଉଥିଲା କିମ୍ବା ହିତାଧିକାରୀମାନଙ୍କ ପାଖରେ ସହଜରେ ପହଞ୍ଚି ଯାଉଥିଲା, କିନ୍ତୁ ସେହି ବ୍ୟବସ୍ଥା ଆଉ କାମ କରୁନାହିଁ, ଯାହା ଫଳରେ ତାଙ୍କ ପରି ପରିବାରଗୁଡ଼ିକୁ ମୌଳିକ କଲ୍ୟାଣ ସହାୟତା ପାଇଁ ଏପରି ଯାତ୍ରା କରିବାକୁ ବାଧ୍ୟ କରାଯାଉଛି। ଏହି ଭିଡିଓଟି ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଅନେକ ବ୍ୟବହାରକାରୀ ପ୍ରଶ୍ନ କରୁଛନ୍ତି ଯେ, ସରକାର ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପ ଓ ଜନକଲ୍ୟାଣ ସେବା ଦ୍ୱାରଦେଶରେ ପହଞ୍ଚାଇବା ସମ୍ପର୍କରେ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ଦୂରଦୂରାନ୍ତର ଅଞ୍ଚଳର ବୃଦ୍ଧ ଓ ଶଯ୍ୟାଶାୟୀ ପେନସନଭୋଗୀଙ୍କୁ କାହିଁକି ଯାଞ୍ଚ ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଛି। ଏହି ଦୃଶ୍ୟଗୁଡ଼ିକ ଆଦିବାସୀ ଓ ଜଙ୍ଗଲ ଘେରା ଅଞ୍ଚଳରେ ସରକାରୀ ବାହାସ୍ଫୋଟ ଓ ବାସ୍ତବତା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଦର୍ଶାଉଛି।

# ମୁମ୍ବାଇକୁ ହରାଇ ପ୍ଲେ ଅଫରେ ରାଜସ୍ଥାନ

**ମୁମ୍ବାଇ,୨୪।୫:** ଆଇପିଏଲ୍ ୨୦୨୬ରେ ନିଜ ପାଇଁ କର ବା ମର ମୁକାବିଲାକୁ ଜିତି ନେଇଛି ରାଜସ୍ଥାନ। ବ୍ୟାଟରଙ୍କ ପରେ ଜୋଫ୍ରା ଆର୍‌ଚରଙ୍କ ଘାତକ ବୋଲିଂ ବଳରେ ରାଜସ୍ଥାନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୦ ରନରେ ମାତ୍ ଦେଇଛି। ବିଜୟ ସହ ରାଜସ୍ଥାନ ଚତୁର୍ଥ ଦଳ ଭାବେ ଚଳିତ ସଂସ୍କରଣରେ ପ୍ଲେ ଅଫରେ ପ୍ରବେଶ କରିଛି। ମୁମ୍ବାଇ ପରାଜୟ ସହ ନିଜର ଅଭିଯାନ ଶେଷ କରିଛି। ରାଜସ୍ଥାନର ପ୍ଲେ ଅଫରେ ପ୍ରବେଶ ସହ ପଞ୍ଜାବ-କୋଲକାତା ବାହାରି ଯାଇଛନ୍ତି। ଆଇପିଏଲ୍ ୨୦୨୬ର ଶେଷ ଲିଗ୍ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ କେବଳ ଔପଚାରିକତା ରହିଛି ଯାଇଛି।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ବ୍ୟାଟରଙ୍କ ସାମୂହିକ ପ୍ରଦର୍ଶନ ବଳରେ ୮ ୱିକେଟ୍ ହରାଇ ୨୦୫ ରନ କରିଥିଲା। ଧ୍ରୁବ ଜୁରେଲ ୩୮ ରନ, ଜୋଫ୍ରା ଆର୍‌ଚର ଦ୍ରୁତ ୩୨ ରନ ଓ ଦାସୁନ ଶନାକା ୨୯ ରନ କରିଥିଲେ। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୯ ୱିକେଟ୍ ହରାଇ ୧୭୫ ରନ କରି ପାରିଛି। ରାଜସ୍ଥାନକୁ ୩୦ ରନରେ ଜିତି ନେଇଛି। ସୂର୍ଯ୍ୟକୁମାର ଯାଦବ ୬୦ ରନ କରିଥିବା ବେଳେ ୱିଲ ଜ୍ୟାକ୍ସ ୩୩ ରନ ଓ ହାର୍ଦ୍ଦିକ ପାଣ୍ଡ୍ୟା ୩୪ ରନ କରିଥିଲେ। ବୋଲିଂରେ ଜୋଫ୍ରା ଆର୍‌ଚର ୧୭ ରନ ଦେଇ ୩ ୱିକେଟ୍ ଅକ୍ତିଆର କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

୨୦୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଆରମ୍ଭରୁ ବଡ ଝଟକା ଲାଗିଥିଲା। ଇମ୍ପାକ୍ଟ ଖେଳାଳି ଭାବେ ଖେଳିଥିବା ରୋହିତ ଶର୍ମା ଖାତା ବି ଖୋଲି ପାରି ନ ଥିଲେ। ନମନ ଧୀର(୬ ରନ) ନିରାଶ କରିଥିଲେ। ପୁଣି ରିୟାନ ରିକଲଟନର ୧୨ ରନ କରି ଆଉଟ୍ ହୋଇଥିଲେ। ତିଲକ ବର୍ମା (୩ ରନ) ବି କ୍ରିଜରେ ତିଷ୍ଠି ପାରି ନ ଥିଲେ। ୩୮ ରନରେ ୪ ୱିକେଟ୍ ହରାଇ ମୁସ୍କିଲ ସ୍ଥିତିରେ ପଡିଥିବା ମୁମ୍ବାଇ ଇନିଂସକୁ ସମ୍ଭାଳିଥିଲେ ସୂର୍ଯ୍ୟକୁମାର ଯାଦବ ଓ ୱିଲ ଜ୍ୟାକ୍ସ। ଦୁହେଁ ଦ୍ରୁତ ବ୍ୟାଟିଂ କରି ୩୮ ବଲରୁ ୬୩ ରନର ଭାଗିଦାରୀ କରି ମୁମ୍ବାଇ ପାଇଁ ବିଜୟ ଆଶା ବଳବତ୍ତର ରଖିଥିଲେ। ୱିଲ ଜ୍ୟାକ୍ସ ୩୩ ରନ କରି ଆଉଟ୍ ହେବା ମୁମ୍ବାଇକୁ ପୁଣି ବଡ ଝଟକା ଦେଇଥିଲା। ତଥାପି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା କ୍ରିଜକୁ ଆସିବା ମାତ୍ରେ ବିସ୍ଫ ?ାରକ ବ୍ୟାଟିଂ କରିଥିଲେ।

ହେଲେ ପାଣ୍ଡ୍ୟା ଆଉଟ୍ ହେବା ମୁମ୍ବାଇର ବିଜୟ ସମ୍ଭାବନାକୁ ହ୍ରାସ କରିଥିଲା। ସେ ୧୫ ବଲରୁ ୩୪ ରନ କରି ଆଉଟ୍ ହୋଇଥିଲେ।

# ପୁଅର ପ୍ରଦର୍ଶନ ଦେଖି ଭାବୁକ ହେଲେ ସଚିନ

**ଲକ୍ଷ୍ନୌ,୨୪।୫:** ଲକ୍ଷ୍ନୌ ସୁପର ଜାଏଣ୍ଟସ ପକ୍ଷରୁ ଚଳିତ ଆଇପିଏଲ୍ ୨୦୨୬ ର ଶେଷ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ବିରୋଧରେ ପଦାର୍ପଣ କରି ଅର୍ଜୁନ ତେନ୍ଦୁଲକର ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ୨୬ ବର୍ଷୀୟ ଏହି ବାମହାତୀ ପେସର ନିଜର ପ୍ରଥମ ଆଇପିଏଲ୍ ମ୍ୟାଚ୍‌ରେ ବହୁତ ଆତ୍ମବିଶ୍ୱାସର ସହ ବୋଲିଂ କରି ପ୍ରଭସିମ୍ରନ ସିଂଙ୍କୁ ଏକ ସ୍ମାର୍ଟ ୟର୍କର ଜରିଆରେ ଆଉଟ୍ କରି ନିଜର ପ୍ରଥମ ୱିକେଟ୍ ହାସଲ କରିଛନ୍ତି। ସେ ନିଜର ୪ ଓଭରରେ ୩୬ ରନ୍ ଦେଇ ୧ଟି ୱିକେଟ୍ ନେଇଥିବା ବେଳେ ସେହି ମ୍ୟାଚ୍‌ରେ ଲକ୍ଷ୍ନୌର ସବୁଠାରୁ କମ୍ ରନ୍ ଦେଇଥିବା ବୋଲିଂ କରିଥିଲେ।

ଅର୍ଜୁନଙ୍କ ଏହି ପ୍ରଦର୍ଶନ ପରେ ତାଙ୍କ ପିତା ତଥା କ୍ରିକେଟର ଭଗବାନ ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ଭାବୁକ ପୋଷ୍ଟ ସେୟାର କରିଛନ୍ତି। ସାଧାରଣତଃ ପୁଅର କ୍ରିକେଟ୍ କ୍ୟାରିୟର ବିଷୟରେ ବହୁତ କମ୍ ପ୍ରତିକ୍ରିୟା ରଖୁଥିବା ସଚିନ ଏହି ପୋଷ୍ଟରେ ଅର୍ଜୁନଙ୍କ ଧୈର୍ଯ୍ୟ ଓ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, 'ସାବାସ୍ ଅର୍ଜୁନ, ଚଳିତ ସିଜନରେ ତୁମେ ନିଜକୁ ଯେପରି



ପ୍ରସ୍ତୁତ ରଖିଛ, ସେଥିପାଇଁ ମୁଁ ଗର୍ବିତ। ଶେଷ ମ୍ୟାଚ୍ ପର୍ଯ୍ୟନ୍ତ ସୁଯୋଗକୁ ଅପେକ୍ଷା କରି ମଧ୍ୟ ନିଜ ଉପରେ ବିଶ୍ୱାସ ରଖିବା, ଧୈର୍ଯ୍ୟବାନ ହେବା ଏବଂ ନିରବରେ କଠିନ ପରିଶ୍ରମ କରିବା ବେଶ୍ ପ୍ରଶଂସନୀୟ।' ଅଧିନାୟକ ରିଷଭ ପନ୍ତ ପାୱାରପ୍ଲେ ଶେଷ ହେବା ମାତ୍ରେ ଅର୍ଜୁନଙ୍କୁ ବୋଲିଂ ଆଟାକ୍ ?କୁ ଆଣିଥିଲେ, ଯେଉଁଠାରେ ସେ ଶୃଙ୍ଖଳିତ ବୋଲିଂ ସହ ତୀକ୍ଷ୍ଣ ବାଉନ୍ସର ମାଧ୍ୟମରେ ବ୍ୟାଟରଙ୍କୁ ଚାପରେ ରଖିଥିଲେ। ମ୍ୟାଚ୍‌ର ପ୍ରାରମ୍ଭିକ ଓଭରରେ ପନ୍ତ ଅର୍ଜୁନଙ୍କ ବୋଲିଂରେ ଏକ କ୍ୟାଚ୍ ଛାଡ଼ିଦେଇଥିଲେ, ଯାହା ଲକ୍ଷନୌ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଏବଂ ପ୍ରଭସିମ୍ରନ ୬୯ ରନର ଏକ ଦମଦାର ଇନିଂସ ଖେଳିଥିଲେ। ତେବେ ଏହି ସମୟରେ ମଧ୍ୟ ଯୁବ ବୋଲର ଅର୍ଜୁନ ଶାନ୍ତ ରହି ନିଜ ବୋଲିଂ ଉପରେ ଧ୍ୟାନ ଦେଇଥିଲେ।

# ସୂର୍ଯ୍ୟକୁମାରଙ୍କ ହାତରୁ ଯାଇପାରେ ଅଧିନାୟକ ପଦ

**ନୂଆଦିଲ୍ଲୀ,୨୪।୫:** ଭାରତୀୟ ଟି-୨୦ କ୍ରିକେଟ ଦଳର ନେତୃତ୍ୱକୁ ନେଇ ଏବେ ସସପେନ୍ସ ବଢ଼ିବାରେ ଲାଗିଛି। ବିଶ୍ୱବିଜେତା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ଆଗାମୀ ଦିନରେ ଦଳର କମାଣ ରହିବ କି ନାହିଁ, ତାହାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ଶ୍ରେୟସ ଆୟର ଦମଦାର ପ୍ରଦର୍ଶନ କରି ସୂର୍ଯ୍ୟଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ବେଳେ, ଅନ୍ୟପଟେ ଚୟନ କମିଟି ମଧ୍ୟ ସୂର୍ଯ୍ୟଙ୍କ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ଆଦୌ ସନ୍ତୁଷ୍ଟ ନଥିବା ଜଣାପଡ଼ିଛି। ସୂର୍ଯ୍ୟକୁମାର ବିଗତ କିଛି ସମୟ ହେବ ଖରାପ ଫର୍ମ ଦେଇ ଗତି କରୁଛନ୍ତି, ଯାହାଫଳରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ମଧ୍ୟ ଦଳରେ ତାଙ୍କ ସ୍ଥାନ ସୁରକ୍ଷିତ ନଥିବା ଚର୍ଚ୍ଚା ହେଉଛି।

ନ୍ୟୁଜ୍ ଏଜେନ୍ସି 'ପିଟିଆଇ'ର ଏକ ରିପୋର୍ଟ ମୁତାବକ, ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଟି-୨୦ ଅଧିନାୟକ ଭାବେ ସୂର୍ଯ୍ୟକୁମାରଙ୍କ ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଭାବେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଆଇପିଏଲ୍ ଜରିଆରେ ସୂର୍ଯ୍ୟ ନିଜର ପୁରୁଣା ଫର୍ମ ଫେରିପାଇବେ ବୋଲି ଚୟନକର୍ତ୍ତା ଆଶା ରଖିଥିଲେ, ହେଲେ ତାଙ୍କ ବ୍ୟାଟିଂ ଶୈଳୀରେ କୌଣସି ବୈଷୟିକ ସୁଧାର ଦେଖିବାକୁ ମିଳିନାହିଁ। ବିଶେଷ କରି ନୂଆ ପେସରଙ୍କ ସିଧା ହାର୍ଡ ଲେନ୍ଥ ବଲ୍ ?ର ସାମ୍ନା କରିବାରେ ସେ ସଂଘର୍ଷ କରୁଛନ୍ତି। ଚୟନକର୍ତ୍ତା ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସୂର୍ଯ୍ୟଙ୍କୁ ବିକଳ୍ପ ଭାବେ ଦେଖୁନାହାନ୍ତି।

ଅଧିନାୟକ ପଦ ପାଇଁ ଶ୍ରେୟସ ଆୟର ଜଣେ ଦୃଢ଼ ଦାବିଦାର ହୋଇଥିଲେ ମଧ୍ୟ କୋଚ୍ ଗମ୍ଭୀରଙ୍କ ସହ ତାଙ୍କର ସମୀକରଣ ଭଲ ନାହିଁ। ୨୦୨୪ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିୟନ ହେବା ପରେ ସମସ୍ତ ଶ୍ରେୟ ଗମ୍ଭୀରଙ୍କୁ ମିଳିଥିବାରୁ ଆୟର ନିରାଶା ପ୍ରକାଶ କରିଥିଲେ, ଯାହାକୁ କ୍ରିକେଟ ବୋର୍ଡ ଏଯାଏଁ ଭୁଲିନାହିଁ।

ଅନ୍ୟପଟେ, ଗୁଜରାଟକୁ ପ୍ଲେ-ଅଫ୍‌ରେ ପହଞ୍ଚାଇବା ସହ ବ୍ୟାଟ୍ରେ କମାଲ କରିଥିବା ଶୁଭମନ ଗିଲ୍‌ଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ପୂର୍ବରୁ ଚିଫ୍ ସେଲେକ୍ଟର ଅଜିତ ଅଗରକର ଗିଲ୍‌ଙ୍କୁ ସବୁ ଫର୍ମାଟ୍ର ଅଧିନାୟକ ଭାବେ ଦେଖୁଥିଲେ, କିନ୍ତୁ ଟି-୨୦ ବିଶ୍ୱକପ୍ ପୂର୍ବରୁ ତାଙ୍କ ଖରାପ ଫର୍ମ ଯୋଗୁଁ ସେହି ପ୍ଲାନ ଫେଲ୍ ମାରିଥିଲା। ଯଦି ସୂର୍ଯ୍ୟ ବାଦ୍ ପଡ଼ନ୍ତି, ତେବେ ଗିଲଙ୍କ ଟି-୨୦ ଦଳକୁ ପ୍ରତ୍ୟାବର୍ତ୍ତନ ସହଜ ହୋଇପାରେ, ହେଲେ କପ୍ତାନୀ ମିଳିବା ଏତେ ସହଜ ନୁହେଁ।

# ଲକ୍ଷ୍ନୌକୁ ୭ ୱିକେଟରେ ପରାସ୍ତ କଲା ପଞ୍ଜାବ

**ଲକ୍ଷ୍ନୌ,୨୪।୫:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୮ତମ ମ୍ୟାଚରେ ଶ୍ରେୟସ ଆୟର ଏବଂ ପ୍ରଭସିମରନ ସିଂହଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ପଞ୍ଜାବ କିଙ୍ଗ୍‌ସ ୭ ୱିକେଟ୍‌ରେ ପରାସ୍ତ କରିଛି। ଅଧିନାୟକ ଶେୟୟ ଆୟରଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗ୍‌ସ ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮ ଓଭରରେ ୩ ୱିକେଟ୍ ହରାଇ ୨୦୦ ରନ୍ କରିଛି। ଏହି ବିଜୟ ସହିତ ପଞ୍ଜାବ ପ୍ଲେଅଫ୍ ଖେଳିବାର ଆଶା ଉଦ୍‌ଜୀବିତ ରହିଛି।

ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଖାତା ଖୋଲିପାରି ନଥିଲେ। ସେହିପରି କୋପର କନୋଲି ୧୦ଟି ବଲ୍ ଖେଳି ୪୧ ରନ୍ ସଂଗ୍ରହ କରିଥିଲେ। ପଞ୍ଜାବ ବିନା କୌଣସି ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଦ୍ୱିତୀୟ ୱିକେଟ୍ ବେଳକୁ ସ୍କୋର ୨୨ ରନ୍ ଥିଲା। ଶ୍ରେୟସ ଆୟର ଏବଂ ପ୍ରଭସିମରନ ସିଂହ ତୃତୀୟ ୱିକେଟ ପାଇଁ ୧୪୦ ରନ୍‌ର ଭାଗିଦାରୀ କରିଥିଲେ। ଅର୍ଜୁନ ତେନ୍ଦୁଲକରଙ୍କ ବଲ୍‌ରେ ଏଲ୍‌ବିଡବ୍ଲୁ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ପ୍ରଭସିମରନ ବ୍ୟକ୍ତିଗତ ଭାବେ ୬୯ ରନ୍ ସଂଗ୍ରହ କରିଥିଲେ। ସେ ୩୯ଟି ବଲ୍ ଖେଳି ୭ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଶ୍ରେୟସ ଆୟର ବିସ୍ଫୋରକ ଶତକ ହାସଲ କରିଥିଲେ।



ସେ ୫୧ଟି ବଲ୍ ଖେଳି ୧୧ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୦୧ ରନ୍ କରିଥିଲେ।

ଲକ୍ଷ୍ନୌସ୍ଥିତ ରତରନ୍ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମରେ ଶନିବାର ଟସ୍ ? ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଋଷଭ ପନ୍ତଙ୍କ ନେତୃତ୍ୱରେ ଘରୋଇ ଦଳ ବ୍ୟାଟିଂ କରିଥିଲା। ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା।

ଲକ୍ଷ୍ନୌ ପାଇଁ ପ୍ରାରମ୍ଭିକ ବ୍ୟାଟର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୨ଟି ଛକା ବଳରେ ୭୨ ରନ୍ ସଂଗ୍ରହ କରିଥିଲେ। ସେହିପରି ଆୟୁଷ ବଦୋନି ଦ୍ୱିତୟ ସର୍ବାଧିକ ରନ କରିଥିଲେ। ସେ ୧୮ଟି ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ଏବଂ ୩ଟି ଛକା ବଳରେ ୪୩ ରନ୍ କରିଥିଲେ। ଅଧିନାୟକ ଋଷଭ ପନ୍ତଙ୍କ ବ୍ୟାଟରୁ ୨୬ ରନ୍ ଅମଳ ହୋଇଥିଲା। ସେ ୨୨ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ। ଅବଦୁଲ ସାମନ୍ଦ ଅପରାଜିତ ୩୭ ରନ୍ କରିଥିଲେ।

# ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଚିୟରଲିଡର୍ସଙ୍କୁ ଦୁର୍ବ୍ୟବହାର

**ଲକ୍ଷ୍ନୌ,୨୪।୫:** ବର୍ତ୍ତମାନ, ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୬ ପାଇଁ ସାରା ଭାରତରେ ଉତ୍ସାହ ଲାଗି ରହିଛି। ଦେଶର ବିଭିନ୍ନ ରାଜ୍ୟରେ ୨୦୨୬ ସିଜିନ ପାଇଁ ମ୍ୟାଚ ଖେଳାଯାଉଛି। ଏହି ସିଜିନର ୬୮ତମ ମ୍ୟାଚ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ଖେଳାଯାଇଥିଲା। ସହରର ଏକାନା କ୍ରିକେଟ ଷ୍ଟାଡିୟମରେ ଏକ ଘଟଣା ଘଟିଛି ଯାହା ସମଗ୍ର ଦେଶକୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ମ୍ୟାଚ ସମୟରେ ଚିଅରଲିଡର୍ସଙ୍କ ପ୍ରତି ନିର୍ଦ୍ଦେଶିତ ଅସଦାଚରଣର ଏକ ଉଦାହରଣ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତୁ ଏହି ସମ୍ପୂର୍ଣ୍ଣ ଘଟଣା ଉପରେ ଏକ ନଜର ପକାଇବା। ମ୍ୟାଚ ଗତ ଶନିବାର ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ହୋଇଥିଲା। ଖେଳ ସମୟରେ, ଚିଅରଲିଡର୍ସମାନେ ପଡ଼ିଆରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଥିଲେ। ସେମାନଙ୍କ ଭୂମିକା ହେଉଛି ପ୍ରତି ଚାରି, ପ୍ରତି ଛଅ ଏବଂ ମ୍ୟାଚ ସମୟରେ ନିଆଯାଇଥିବା ପ୍ରତ୍ୟେକ ୱିକେଟ ପାଳନ କରିବା ପାଇଁ ନାଚିବା। ସେମାନେ ଷ୍ଟାଡିୟମରେ ଉପସ୍ଥିତ ପ୍ରଶଂସକଙ୍କୁ ମନୋରଞ୍ଜନ କରନ୍ତି ଏବଂ ସେମାନଙ୍କ ଦଳର ସଫଳତାର ଉତ୍ସବ ପାଳନରେ ଯୋଗ ଦିଅନ୍ତି। ତଥାପି, ଏହା ମଧ୍ୟରେ, ଏହି ଚିଅରଲିଡର୍ସମାନେ ବେଳେବେଳେ ଅସଭ୍ୟ ଆଚରଣ ଏବଂ ହଇରାଣର ଶିକାର ହୁଅନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ଖେଳାଯାଉଥିବା ମ୍ୟାଚ ସମୟରେ ଠିକ ଏପରି ଏକ ଘଟଣା ଘଟିଥିଲା – ଏହା ଏକ ଭିଡିଓରେ କଏଦ ହୋଇଛି ଯାହା ଏବେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଭିଡିଓରେ, ଷ୍ଟାଣ୍ଡରୁ ମ୍ୟାଚ ଦେଖୁଥିବା ପ୍ରଶଂସକମାନେ ଜଣେ ଚିୟରଲିଡରଙ୍କ ପ୍ରତି ଅନୁପଯୁକ୍ତ ବ୍ୟବହାର କରୁଥିବା ଦେଖାଯାଉଛି। ସେମାନଙ୍କ ଅସଦାଚରଣକୁ ଆଉ ସହ୍ୟ କରି ନ ପାରି, ସେ ସ୍ଥାନରେ ଉପସ୍ଥିତ ସୁରକ୍ଷା କର୍ମୀ ଏବଂ ପୋଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ଯାହା ପରେ ମାମଲାର ସମାଧାନ ହୋଇଥିଲା। ଏହି ଭାଇରାଲ ଭିଡିଓରେ ତିନି ଜଣ ଚିୟରଲିଡରଙ୍କୁ ଦେଖିବାକୁ ମିଳୁଛି। ଗୋଟିଏ ସମୟରେ, ଚିୟରଲିଡରମାନଙ୍କ ମଧ୍ୟରୁ ଜଣେ କହୁଥିବା ଦେଖାଯାଉଛି, "ନା, ନା, ନାଚ" ସେ ତାଙ୍କ ପ୍ରତି ଏପରି ବ୍ୟବହାର କରିବାରୁ ପ୍ରଶଂସକଙ୍କୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ସେ ତାଙ୍କ ଆଙ୍ଗୁଠିକୁ ଇଙ୍ଗିତ କରି ସେମାନଙ୍କୁ ନିବୃତ୍ତ ରହିବାକୁ ଇଙ୍ଗିତ ମଧ୍ୟ କରୁଛନ୍ତି। ପରବର୍ତ୍ତୀ ସମୟରେ, ସେ ଇଙ୍ଗିତ ମାଧ୍ୟମରେ କିଛି ବାର୍ତ୍ତାଳାପ କରୁଥିବା ଦେଖାଯାଉଛି – ହୁଏତ ଏହା ସୂଚାଇ ଦେଉଛି ଯେ ପ୍ରଶଂସକମାନେ ତାଙ୍କୁ ଚାହିଁ ରହୁଥିଲେ ଏବଂ ଅସମ୍ମାନଜନକ ବ୍ୟବହାର କରୁଥିଲେ। ଏହି ସମସ୍ତ ଚିୟରଲିଡର ବିଦେଶୀ ନାଗରିକ। ଏକାନା ଷ୍ଟାଡିୟମରେ ନିୟୋଜିତ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କ ନିକଟରେ ତାଙ୍କର ଅଭିଯୋଗ ଦାଖଲ କରିବା ସମୟରେ, ସମ୍ପୃକ୍ତ ଚିୟରଲିଡର ସ୍ପଷ୍ଟ ଭାବରେ ବିରକ୍ତ ଦେଖାଯାଉଥିଲେ।




# ଇତିହାସ ରଚିଲେ ପ୍ରଭସିମରନ ସିଂ

**ନୂଆଦିଲ୍ଲୀ,୨୪।୫:** ଆଇପିଏଲ୍ ୨୦୨୬ରେ ଦେଖିବାକୁ ମିଳିଛି ଏକ ବଡ଼ ରେକର୍ଡ। ପଞ୍ଜାବ କିଙ୍ଗସର ବିସ୍ଫୋରକ ଓପନର ପ୍ରଭସିମରନ ସିଂ ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସର ନିଜ ନାଁରେ ବଡ ରେକର୍ଡ କରିଛନ୍ତି। ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ପଞ୍ଜାବର ୭ ୱିକେଟ୍ ବିଜୟରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

ମ୍ୟାଚ୍‌ରେ ୧୯୭ ରନର ଏକ ବଡ଼ ଲକ୍ଷ୍ୟକୁ ପିଛା କରୁଥିବା ବେଳେ ପ୍ରଭସିମରନ ମାତ୍ର ୩୯ ବଲରୁ ୬୯ ରନର ଏକ ଦ୍ରୁତ ଇନିଂସ ଖେଳିଥିଲେ। ଏହି ମ୍ୟାଚ୍ ବିଜେତା ଇନିଂସ ବଳରେ ସେ ଚଳିତ ୨୦୨୬ ସିଜନରେ ୫୦୦ ରନ୍ ଅତିକ୍ରମ କରିଛନ୍ତି। ଏହାପୂର୍ବରୁ ଆଇପିଏଲ୍ ୨୦୨୫ରେ ମଧ୍ୟ ସେ ୫୪୯ ରନ୍ ସଂଗ୍ରହ କରିଥିଲେ।

ଏହି ସଫଳତା ସହ ୨୫ ବର୍ଷୀୟ



ପ୍ରଭସିମରନ ଆଇପିଏଲ୍ ଇତିହାସରେ ପ୍ରଥମ ଅନକ୍ୟାପ୍ଡ (ଟଭମବକ୍ତକ୍ତରୟ - ଯିଏ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି) ଭାରତୀୟ ଖେଳାଳି ଭାବେ ଏକାଧିକ ସିଜନରେ ୫୦୦ କିମ୍ବା ତାଠାରୁ ଅଧିକ ରନ୍ କରିବାର ଗୌରବ ଅର୍ଜନ କରିଛନ୍ତି।

ପ୍ରଭସିମ୍ରନ ପଞ୍ଜାବ କିଙ୍ଗସ ବ୍ୟାଟିଂ ଲାଇନଅପ ଏକ ମୁଖ୍ୟ ସ୍ତମ୍ଭ ସାଜିଛନ୍ତି। ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଏବଂ ଦଳକୁ ଏକ ବିସ୍ଫୋରକ ଆରମ୍ଭ ଦେବା ପାଇଁ ସେ ବେଶ୍ ଜଣାଶୁଣା।

# ବିସିସିଆଇ ପକ୍ଷରୁ ଘରୋଇ ଖେଳସୂଚୀ ଘୋଷଣା

**ନୂଆଦିଲ୍ଲୀ,୨୪।୫:** ବିସିସିଆଇ ପକ୍ଷରୁ ୨୦୨୬-୨୭ ଘରୋଇ ଋତୁର ଖେଳସୂଚୀ ଘୋଷଣା କରାଯାଇଛି । ଏବର୍ଷ ବିଭିନ୍ନ ବୟସ ଶ୍ରେଣୀ ଓ ଫର୍ମାଟ୍‌ରେ ତଥା ଉଭୟ ମହିଳା ଓ ପୁରୁଷ ବର୍ଗରେ ମୋଟ ୧୭୮୮ଟି ମ୍ୟାଚ୍ ଖେଳାଯିବ । ପୁରୁଷ ବର୍ଗରେ ବରିଷ୍ଠ, ୨୩ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ବୟସ ଶ୍ରେଣୀରେ ପ୍ରତିଯୋଗିତା ଆୟୋଜନ ହେବ । ସେହିପରି ମହିଳା ବର୍ଗରେ ବରିଷ୍ଠ, ୨୩ ବର୍ଷରୁ କମ, ୧୯ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍ ବୟସ ଶ୍ରେଣୀରେ ପ୍ରତିଯୋଗିତା କରାଯିବ । ୨୩




ଅଗଷ୍ଟରେ ସମ୍ମାନଜନକ ଦୁଲୀପ ଟ୍ରଫିରୁ ନୂଆ ଘରୋଇ ଋତୁ ଶୁଭାରମ୍ଭ ହେବ । ବେଙ୍ଗାଲୁରୁର ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ୬ଟି ଜୋନାଲ୍ ଦଳଙ୍କୁ ନେଇ ପ୍ରତିଯୋଗିତା ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ । ଅକ୍ଟୋବର ୧ରୁ ଇରାନୀ କପ୍ ଆରମ୍ଭ ହେବ । ରଣଜୀ ଟ୍ରଫି ଓ କର୍ଣ୍ଣାଲ୍ ସିକେ ନାଇଡୁ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ । ରଣଜୀ ଏଲିଟ୍ ଗ୍ରୁପ୍‌ରେ ୩୨ ଦଳ ଓ ପ୍ଲେଟ୍ ଗ୍ରୁପରେ ୬ ଦଳ ରହିବେ । ରଣଜୀ ଏଲିଟ୍‌ର ପ୍ରଥମ ପର୍ଯ୍ୟାୟ ୧୧ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ୧୭ ଜାନୁଆରିରୁ ୪ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଖେଳାଯିବ। ପ୍ଲେଟ୍ ଗ୍ରୁପର ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ୧୧ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ୧୭ ଜାନୁଆରିରୁ ୨୦ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ଖେଳାଯିବ । ବିସିସିଆଇ ପକ୍ଷରୁ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ।

# ଜୁନ୍ ୧୧ରୁ ବିଶ୍ୱର ସବୁଠାରୁ ବଡ଼ କ୍ରୀଡ଼ା ମହାକୁମ୍ଭ

**ନୂଆଦିଲ୍ଲୀ,୨୪।୫:** ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ କ୍ରୀଡ଼ା ମହାକୁମ୍ଭ ଫିଫା ବିଶ୍ୱକପ । ଏହି ପ୍ରତିଷ୍ଠିତ ଟ୍ରଫି ହାତେଇବା ପାଇଁ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ମଧ୍ୟରେ ଦମଦାର ଟକ୍କର ଦେଖିବାକୁ ମିଳିବ । ଦୀର୍ଘ ଦିନ ଧରି ଚାଲିବାକୁ ଥିବା ଏହି ରୋମାଞ୍ଚକର ଟୁର୍ଣ୍ଣାମେଣ୍ଟର ମହାଲଢେଇ ବା ଫାଇନାଲ ମ୍ୟାଚ୍ ଆସନ୍ତା ଜୁଲାଇ ୧୯ ତାରିଖରେ ଖେଳାଯିବ । ଏଭଳି ସ୍ଥିତିରେ ସାରା ବିଶ୍ୱରେ ଏବେଠାରୁ ଫୁଟବଲ୍ ଫିଭର ମାଡ଼ିଗଲାଣି ।

ତେବେ ଚଳିତ ବିଶ୍ୱକପ୍‌ର ଉନ୍ମାଦନା ଭିତରେ, ଆପଣ ଜାଣନ୍ତି କି କେବେ ଏବଂ କେଉଁଠି ଖେଳାଯାଇଥିଲା ପ୍ରଥମ ଫୁଟବଲ୍ ବିଶ୍ୱକପ ଫିଫା ଇତିହାସର ସେହି ପ୍ରଥମ ଅଧ୍ୟାୟ ଖୁବ୍ ରୋଚକ ଥିଲା । ଆଜିକାର ସୁପରଷ୍ଟାର ଓ ଆଧୁନିକ ଷ୍ଟାଡିୟମ୍‌ର ଚମକଠାରୁ ଦୂରରେ, ଫୁଟବଲ ବିଶ୍ୱକପର ଏହି ଗୌରବମୟ ଯାତ୍ରା ପ୍ରାୟ ୯୬ ବର୍ଷ ପୂର୍ବ ଅତି ସାଧାରଣ ଭାବେ ଆରମ୍ଭ ହୋଇଥିଲା । ଯାହା ପରବର୍ତ୍ତୀ ସମୟରେ କ୍ରୀଡ଼ା ଜଗତର ସବୁଠାରୁ ବଡ଼ ଇଭେଣ୍ଟରେ ପରିଣତ ହେଲା ।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାପଡ଼େ ଯେ, ପ୍ରଥମ ଫିଫା ବିଶ୍ୱକପ୍ ୧୯୩୦ ମସିହାରେ ଆୟୋଜିତ ହୋଇଥିଲା । ଦକ୍ଷିଣ ଆମେରିକାର ସୁନ୍ଦର ଦେଶ ଉରୁଗୁଏ ଏହି ପ୍ରଥମ ବିଶ୍ୱକପ୍ ଆୟୋଜନ କରିବାର ସୌଭାଗ୍ୟ



ଅର୍ଜନ କରିଥିଲା । ସେହି ସମୟରେ ଆଜି ଭଳି ବଡ଼ ଆକାରରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ହେଉନଥିଲା, ବରଂ ବିଭିନ୍ନ ଦଳକୁ ନିମନ୍ତ୍ରଣ କରାଯାଇଥିଲା । ସବୁ ପ୍ରତିବନ୍ଧକ ସତ୍ତ୍ୱେ ପ୍ରଥମ ଟୁର୍ଣ୍ଣାମେଣ୍ଟରେ ମୋଟ ୧୩ଟି ଦଳ ଭାଗ ନେଇଥିଲେ ଏବଂ ସମସ୍ତ ମ୍ୟାଚ୍ ଉରୁଗୁଏର ରାଜଧାନୀ ମାଣ୍ଟିଭିଡିଓରେ ଖେଳାଯାଇଥିଲା ।

ଏହି ପ୍ରଥମ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ? ମଧ୍ୟ ଜବରଦସ୍ତ ଥିଲା, ଯେଉଁଠାରେ ଆୟୋଜକ ଉରୁଗୁଏ ଏବଂ ଆର୍ଜେଣ୍ଟିନା ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ଶେଷରେ ଆର୍ଜେଣ୍ଟିନାକୁ ୪-୨ ଗୋଲ୍ ?ରେ ପରାସ୍ତ କରି ଉରୁଗୁଏ ପ୍ରଥମ ଫିଫା ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଲାଭ କରି ଇତିହାସ ରଚିଥିଲା । ସେବେଠାରୁ ଆରମ୍ଭ ହୋଇଥିବା ଏହି ଫୁଟବଲ୍ ମହାକୁମ୍ଭର ରୋମାଞ୍ଚ ଆଜି ବି ଅକ୍ଷୁର୍ଣ୍ଣ ରହିଛି ଏବଂ ଆସନ୍ତା ଜୁନ୍ ୧୧ରୁ ପୁଣିଥରେ ନୂଆ ଇତିହାସ ଲେଖାଯିବାକୁ ଯାଉଛି ।

ଆସନ୍ତା ଫିଫା ବିଶ୍ୱକପ୍‌ରେ ମୋଟ ୧୨ଟି ପ୍ରତିଦ୍ୱନ୍ଦ୍ୱୀ ଦଳ ଭାଗ ନେଉଥିବାରୁ, ଏଥର ମ୍ୟାଚ୍‌ଗୁଡ଼ିକ ଅଧିକ ପ୍ରତିଯୋଗିତାମୂଳକ ଓ ରୋମାଞ୍ଚଭରା ହେବ ବୋଲି ଆଶା କରାଯାଉଛି । କ୍ରୀଡ଼ା ପ୍ରେମୀମାନେ ନିଜ ନିଜର ପ୍ରିୟ ଦଳ ଓ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖିବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ